୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.265 Bhubaneswar Wednesday December 04 2024 | ୨୬ତମ ବର୍ଷ ସଂଖ୍ୟା-୨୬୫ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୦୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ମଞ୍ଜୁର

ଭୁବନେଶ୍ୱର,୩।୧୨(ପି.ଏନ): ଓଡିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ଟଙ୍କା ମଞ୍ଜୁର। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି ରଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସୋଶାଲ ମିଡିଆ ଏକ୍ସରେ କୃତଜ୍ଞତା ଜଣାଇବା ସହ ବିସ୍ତୃତ ସୂଚ଼ନା ଦେଇଛନ୍ତି ରେଳ ମନ୍ତ୍ରୀ।ଓଡିଶାରେ ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର ମିଳିଛି। ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ତିନିଟି ରେଳ ମଣ୍ଡଳ ରହିବ। ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଛି। ମୋଦି ୩.୦ ସମୟରେ ୧୯,୨୮୯ କୋଟି ବ୍ୟୟ ଅଟକଳରେ ୮ଟି ନୂତନ ରେଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରାଯାଇଛି ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଡରେ ଲେଖିଛନ୍ତି।



# ଆନ୍ଦୋଳନରୁ ଓହରିଲେ ବ୍ୟବସାୟୀ; ଓଡିଶାକୁ କେବେ ଆସିବ ଆଳୁ ?

ଭୁବନେଶ୍ୱର,୩।୧୨(ପି.ଏନ): ଆନ୍ଦୋଳନରୁ ଓହରିଲେ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ। କୃଷି ମନ୍ତ୍ରୀଙ୍କ ସହ ଆଲୋଚ଼ନା ପରେ ଆନ୍‌ଦୋଳନରୁ ହଟିଲେ। ଶୀତଳଭଣ୍ଡାର କର୍ମଚ଼ାରୀ ମଧ ଆନ୍ଦୋଳନରୁ ଓହରିଲେ। ଆସନ୍ତାକାଲିଠୁ ଶୀତଳ ଭଣ୍ଡାରରୁ ପୂର୍ବପରି ଆଳୁ ବାହାରକୁ ଆସିବ ବୋଲି ସମ୍ଭାବନା କରାଯାଉଛି। ହୋଲସେଲ୍ ଓ ରିଟେଲ ମାର୍କେଟକୁ ଆଳୁ ପଠାଯିବ। ଯେପରି ଆଳୁ ଅନ୍ୟ ସ୍ଥାନକୁ ଯାଉଥିଲା ତାହା ପୂର୍ବପରି ଚ଼ାଲିବ ବୋଲି ଜଣାପଡିଛି। ହେଲେ ଓଡିଶାକୁ କେବେ ଆଳୁ ଆସିବ, ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡି ନାହିଁ। ପଶ୍ଚିମବଙ୍ଗ ସରକାର ରାଜ୍ୟ ବାହାରକୁ ଆଳୁ ଚ଼ାଲାଣ ଉପରେ ରୋକ୍ ଲଗାଇଥିଲେ। ଏହାର ପ୍ରତିବାଦରେ ଶୀତଳ ଭଣ୍ଡାର ଆଳୁ ବ୍ୟବସାୟୀ ଓ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଆଲୋଚ଼ନା ଓ ପର୍ଯ୍ୟାଲୋଚ଼ନା ପରେ ଆଳୁ ବ୍ୟବସାୟୀମାନେ ସୋମବାରଠାରୁ ଆନ୍ଦୋଳନରେ ବସିଥିଲେ। ଯାହାଫଳରେ ରାଜ୍ୟ ଭିତରେ ଆଳୁ ଚ଼ାଲାଣ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଖାଉଟି ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଘର ଦାବି, ବର୍ତ୍ତମାନ ମହଜୁଦ୍ ଥିବା ଅଢ଼େଇ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ରାଜ୍ୟ ବାହାରକୁ ଚ଼ାଲାଣ ନହେଲେ ନଷ୍ଟ ହୋଇଯିବ। ତେଣୁ ଯଥାଶୀଘ୍ର ଆଳୁ ଚ଼ାଲାଣ ପାଇଁ ରାଜ୍ୟ ସରକାର ଅନୁମତି ଦିଅନ୍ତୁ ବୋଲି ସଂଘ ଦାବି କରିଥିଲା।



## ୫ ବର୍ଷରେ ଆଖି ବୁଜିଛନ୍ତି ୩୪ କଲରାପତରିଆ ବାଘ, ମନ୍ତ୍ରୀ ରଖିଲେ ତଥ୍ୟ

ଭୁବନେଶ୍ୱର,୩।୧୨(ପି.ଏନ): ଗତ ପାଞ୍ଚ ବର୍ଷ ଭିତରେ ରାଜ୍ୟରେ ଆଖି ବୁଜିଛନ୍ତି ୩୪ କଲରାପତରିଆ । ଏଥିମଧ୍ୟରୁ ଶିକାର ଦ୍ୱାରା ୧୭ଟି ବାଘ ଆଖି ବୁଜିଥିବା ବେଳେ , ବିଦ୍ୟୁତ ଆଘାତରେ ୩ଟି ଆଉ ରେଳ ଦୁର୍ଘଟଣାରେ ଗୋଟିଏ ବାଘ ମୃତ୍ୟୁ ହୋଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।କଲରାପତରିଆ ବାଘ ମୃତ୍ୟୁକୁ ନେଇ ବିଧାନସଭାରୁ ଆସିଛି ଚ଼ିନ୍ତାଜନକ ଖବର । ରାଜ୍ୟରେ ଗତ ୫ ବର୍ଷ ଭିତରେ କେତେ ବାଘ ମୃତ୍ୟୁ ବରଣ କରିଛନ୍ତି ? ଏହି ମୃତ୍ୟୁର କାରଣ କଣ ବୋଲି ବିଧାନସଭାରେ ପ୍ରଶ୍ନ କରିଥିଲେ ତାରା । ଏହି ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଥିଲେ ରାଜ୍ୟରେ ଗତ ୫ ବର୍ଷରେ ୩୪ଟି କଲରାପତରିଆ ଆଖି ବୁଜିଛନ୍ତି । ଏନେଇ ସମସ୍ତ ରିପୋର୍ଟ ଦେଇଥିଲେ ମନ୍ତ୍ରୀ । କହିରଖୁଛୁ ରାଜ୍ୟରେ ବର୍ତ୍ତମାନ ୩୦ଟି ମହାବଳ ବାଘ ଏବଂ ୬୯୬ଟି କଲରାପତରିଆ ବାଘ ଥିବା ନେଇ ଗୃହରେ ସୂଚ଼ନା ଦେଇଛନ୍ତି ମନ୍ତ୍ରୀ ।

# ୩ ବର୍ଷରେ ଗଲାଣି ୨୩୩ ଜଣଙ୍କ ଜୀବନ, ପେଟ ପୋଷିବାକୁ ବାହାର ରାଜ୍ୟକୁ ଯିବା ସାଜୁଛି କାଳ



ଭୁବନେଶ୍ୱର,୩।୧୨(ପି.ଏନ): ବିଗତ ୩ ବର୍ଷରେ ୨୩୩ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି । । ବିଧାନସଭାରେ ଏ ସମ୍ପର୍କରେ ସୂଚ଼ନା ଦେଇଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ସେ କହିଛନ୍ତି, ବିଗତ ଦିନରେ ରାଜ୍ୟରେ ଦାଦନ ସମସ୍ୟା ବଢିଛି । ରାଜ୍ୟ ପାଇଁ କାଳ ସାଜିଥିବା ସମସ୍ୟା ଏବେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଦାଦନ ଦୁଃଖ ଦେଖିବାକୁ ମିଳିଛି । ନିକଟରେ ବଲାଙ୍ଗୀରରୁ ୨୬ଜଣ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି। ମୃତ ୨୩୩ଜଣଙ୍କ ମଧ୍ୟରୁ ୧୯୯ ଜଣଙ୍କ ଶବ ବର୍ତ୍ତମାନ ସୁଦ୍ଧା ଓଡିଶା ଫେରିପାରିଛି । ଶ୍ରମ ମନ୍ତ୍ରୀଙ୍କ ସୂଚ଼ନା ଅନୁସାରେ, ଓଡିଶାରେ ଲାଗି ରହିଥିବା ଦାଦନ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧକ୍ଷତାରେ ଉପ ମୁଖ୍ୟମନ୍ତ୍ରୀ, ମହିଳା ଏବଂ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଏବଂ ସମ୍ପୃକ୍ତ ବିଭାଗର ସଚ଼ିବମାନଙ୍କୁ ନେଇ ଅକ୍ଟୋବର-୨୦୨୪ ରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିସହ ଭବିଷ୍ୟତରେ ରାଜ୍ୟରୁ ଦାଦନ ସମସ୍ୟା ଦୂର କରିବା ପାଇଁ ସରକାର ଆଶା ରଖିଥିବା ଗଣେଶ ରାମ କହିଛନ୍ତି

# ବାଙ୍କୀରେ ଚ଼ାଲିଥିଲା ଦେହ ବେପାର, ଗ୍ରାହକ ବେଶରେ ଯାଇ ସେକ୍ସ ରାକେଟ୍ ଠାବ କଲା ପୋଲିସ

ଭୁବନେଶ୍ୱର,୩।୧୨(ପି.ଏନ): କଟକ- ଭୁବନେଶ୍ୱର ପରେ ଏବେ ପାଳି ପଡିଛି ବାଙ୍କୀର । ବଙ୍ଗଳାଦେଶୀଙ୍କ ଯୁବତୀଙ୍କ ଦେହକାରବାର ଉପରୁ ଧୀରେ ଧରେ ଗୁମର ଖୋଲିବାରେ ଲାଗିଥିବାବେଳେ, ବାଙ୍କୀ କଳାପଥରରେ ସେକ୍ସ ରାକେଟ୍ ଠାବ କରିଛି ପୋଲିସ । ଗ୍ରାହକ ବେଶରେ ଯାଇ ଅଭିଯୁକ୍ତଙ୍କୁ ଧରିଲେ ଥାନା ଅଧିକାରୀ । ସମ୍ପୃକ୍ତ ୨ ଯୁବତୀଙ୍କ ସହ ୨ ଯୁବକଙ୍କୁ ପୋଲିସ ବାନ୍ଧିଛି । ପୋଲିସ ଟିମ୍ ଘଟଣାର ଯାଞ୍ଚ ଆରମ୍ଭ କରିଦେଇଛି । କଳାପଥରରୁ ଠାବ ସେକ୍ସ ର୍ଯାକେଟର ଚେର କେତେବାଟ ଲମ୍ବିଛି ତାହା ଆଗାମୀ ଦିନରେ ଜଣାପଡିବ ।ଗତକିଛିଦିନ ହେବ ରାଜ୍ୟରେ ଦେହକାରବାର ବ?ିବା ନେଇ ଖବର ପ୍ରସାର ହେବାରେ ଲାଗିଛି । ବାଙ୍ଗଲାଦେଶରୁ ଯୁବତୀଙ୍କୁ ଚ଼ାକିରି ଲୋଭ ଦେଖାଇ ଓଡିଶାରେ ଦେହ କାରବାର କରାଯାଉଥିବା ଅଭିଯୋଗ ହୋଇଥିଲା। ଯାହାପରେ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଘଟଣା ସମ୍ପର୍କରେ ପୋଲିସ ଅଧିକ ଛାନଭିନ୍ ଜାରି ରଖିଥିବାବେଳେ ୧୦ରୁ ଅଧିକ ଦଲାଲ୍ ଏ ମାମାଲାରେ ଗିରଫ ହୋଇଛନ୍ତି ।

# ଶ୍ରମିକ ଓ ଡାକ୍ତରଙ୍କୁ ମାରିଥିବା ଆତଙ୍କବାଦୀର ମୁଣ୍ଡ ଗଡିଲା



ଭୁବନେଶ୍ୱର,୩।୧୨(ପି.ଏନ): ୬ ଜଣ ଶ୍ରମିକ ଓ ଜଣେ ଡାକ୍ତରଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଆତଙ୍କବାଦୀର ଖେଳ ଖତମ। ସୁରକ୍ଷାକର୍ମୀଙ୍କ ଗୁଳିରେ କୁଖ୍ୟାତ ଆତଙ୍କବାଦୀ ଜଣକ ନିହତ ହୋଇଛି । ଜମ୍ମୁ-କଶ୍ମୀରର ଗାଣ୍ଡେରବାଲରେ ଥିବା ଗୋଟିଏ ଘରୋଇ କମ୍ପାନୀର ହାଉସିଂ କ୍ୟାମ୍ପରେ ୬ ଜଣ ଶ୍ରମିକ ଓ ଜଣେ ଡାକ୍ତରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ସାମିଲ ଥିବା ଆତଙ୍କବାଦୀ ଆଜି ସୁରକ୍ଷାକର୍ମୀଙ୍କ ପକ୍ଷରୁ ହୋଇଥିବା ଏନକାଉଣ୍ଟରରେ ପ୍ରାଣ ହରାଇଛି। ନିହତ ଆତଙ୍କବାଦୀ ଜୁନେଦ ଅହମଦ ଭଟ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବା ଆତଙ୍କବାଦୀ ସଂଗଠନର ସଦସ୍ୟ ଭାବେ କାମ କରୁଥିଲା। ସେ ଗଗନଗିର ଓ ଉପତ୍ୟକାର ଅନ୍ୟ ସ୍ଥାନରେ ହୋଇଥିବା ଆତଙ୍କବାଦୀ ହମଲାରେ ମଧ ସାମିଲ ଥିଲା।

# ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ: ୫ ଦିନ ଓଡ଼ିଶାରେ ରହିବେ ମହାମହିମ

ଭୁବନେଶ୍ୱର,୩।୧୨(ପି.ଏନ): ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍‌ରୌପଦୀ ମୁର୍ମୁ । ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ପହଞ୍ଚିଲେ । ୫ ଦିନ ଓଡ଼ିଶାରେ ରହିବେ ରାଷ୍ଟ୍ରପତି । କାଲି ପୁରୀରେ ନୌସେନା ଦିବସରେ ଯୋଗ ଦେବେ । ରାଷ୍ଟ୍ରପତିଙ୍କର ଏହି ପାଞ୍ଚଦିନିଆ ଗସ୍ତ ଅବସରରେ ସେ ଭୁବନେଶ୍ୱର, ପୁରୀ ଓ ମୟୂରଭଞ୍ଜରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ଏନେଇ ପୂର୍ବରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଅପରାହ୍ନ ୫.୩୦ରେ ଚ଼ନ୍ଦ୍ରଶେଖରପୁର ନିଳାଦ୍ରୀ ବିହାରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍‌ମୋଚ଼ନ କରିବା ସହ ଏକ ସାଧାରଣ ସଭାରେ ଯୋଗଦେବେ ରାଷ୍ଟ୍ରପତି । ୬.୨୫ରେ ସେ ରାଜଭବନରେ ପହଞ୍ଚି ସେଠାରେ ରାତ୍ରିଯାପନ କରିବେ । ୪ ତାରିଖ ସକାଳ ୯ଟାରେ ରାଷ୍ଟ୍ରପତି ରାଜଭବନରୁ ବାହାରି ୯.୨୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ୯.୫୫ରେ ପୁରୀର ତାଳବଣିଆ ହେଲିପ୍ୟାଡ ପଡିଆରେ ପହଞ୍ଚିବେ । ଏହାପରେ ୧୦.୦୫ରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ୧୦୫୦ରେ ସେ ଗୋପବନ୍ଧୁ ଆୟୁର୍ବ?ଦିକ କଲେଜର ୭୫ତମ ବାର୍ଷିକୀ ଉତ୍ସବରେ ସାମିଲ ହେବେ । ଏହାପରେ ମଧାହ୍ନ ୧୨.୧୦ରେ ରାଷ୍ଟପ୍ରତି ପୁରୀ ରାଜଭବନରେ ମଧାହ୍ନ ଭୋଜନ କରିବେ । ୩.୫୫ରେ ନୌସେନା ଦିବସରେ ଯୋଗଦେବା ନିମନ୍ତେ ବାହାରିବେ । ୨୦୦ ମିଟର ପର୍ଯ୍ୟନ୍ତ ଚ଼ାଲିଚ଼ାଲି ଯାଇ ରାଷ୍ଟ୍ରପତି ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ୪.୦୫ରେ ସେ ଏହି କାର୍ଯ୍ୟକ୍ରମରେ ନୌସେନାର କୌଶଳ ପ୍ରଦର୍ଶନ ଓ ପ୍ରତିରକ୍ଷାରେ ବ୍ୟବହାର କରାଯାଉଥିବା ଯୁଦ୍ଧ ସାମଗ୍ରୀ ପ୍ରଦର୍ଶନକୁ ଦେଖିବେ । ୫.୪୫ରେ କାର୍ଯ୍ୟକ୍ରମ ସାରି ୫.୫୫ରେ ରାଜଭବନରେ ରାତ୍ରିଯାପନ କରିବେ । ୫ ତାରିଖ ଦିନ ୯.୫୫ରେ ତାଳବଣିଆ ହେଲିପ୍ୟାଡରୁ ବାହାରି ୧୦.୩୦ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ ।୧୦.୫୫ରେ ଓୟୁଏଟି କ୍ୟାମ୍ପସର ୪୦ତମ ସମାବର୍ତ୍ତନ ଉତ୍ସବରେ ସାମିଲ ହେବେ । ୧୨ଟାରେ ରାଜଭବନରେ ମଧାହ୍ନଭୋଜନ କରି ୫.୨୦ରେ କଳ୍ପନା ସ୍ଥିତ ଭୁବନେଶ୍ୱର କୋର୍ଟର ଜୁଡିସିଆଲ କମ୍‌ପ୍ଲେକ୍ସର ଉଦଘାଟନ କରିବେ । ୬.୩୦ରେ ରାଜଭବନରେ ପହଞ୍ଚି ସେଠାରେ ରାତ୍ରିଯାପନ କରିବେ । ୬ ତାରିଖ ସକାଳ ୯.୦୫ରେ ଏଜି ଛକ ସ୍ଥିତ ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ୯.୧୫ରେ ସେଠାରେ ମହାନର୍ବ ନିର୍ବାଣ ଦିବସରେ ସାମିଲ ହେବେ । ୧୦.୧୫ରେ ରାଷ୍ଟ୍ରପତି ପଶ୍ଚିମବଙ୍ଗର କଲେଇକୁଣ୍ଡା ଏୟରବେସରେ ଅବସରଣ କରିବେ ଓ ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୟୂରଭଞ୍ଜର ବାଦାମପାହାଡ ସ୍ଥିତ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡରେ ୧୧.୦୫ରେ ଅବତରଣ କରିବେ । ୧୨.୦୫ରେ ରାଷ୍ଟପ୍ରତି ଉପରବେଡା ସ୍ଥିତ ନିଜ ପୈତୃକ ଘରେ ପହଞ୍ଚିବେ । ୧୨.୩୦ରେ ରାଇରଙ୍ଗପୁର ସ୍ଥିତ ଗେଷ୍ଟ ହାଉସରେ ପହଞ୍ଚି ସେଠାରେ ମଧାହ୍ନ ଭୋଜନ କରିବେ । ଅପରାହ୍ନ ୪.୫୦ରେ ରାଷ୍ଟପ୍ରତି ପୁଣ୍ୟେଶ୍ୱର ଶିବମନ୍ଦିର ଠାରେ ଗଣେଶ ମୂର୍ତ୍ତିକୁ ଉନ୍‌ମୋଚ଼ନ କରିବେ ଓ ନିଜ ବାସଭବନକୁ ଆସି ରାତ୍ରିଯାପନ କରିବେ। ଡିସେମ୍ବର ୭ ସକାଳ ୧୦ଟାରେ ରାଷ୍ଟ୍ରପତି ନିଜ ବାସଭବନରୁ ବାହାରି ୧୦.୪୫ରେ ହେଲିପ୍ୟାଡରେ ପହଞ୍ଚିବେ । ୧୨.୧୫ରେ ବାଙ୍ଗିରିପୋଷି ସଭା ସ୍ଥଳରୁ ପଶ୍ଚିମବଙ୍ଗ ଅଭିମୂଖେ ଯାତ୍ରା କରିବେ । ସେଠାରୁ ସେ ନୂଆଦିଲ୍ଲୀ ଅଭିମୂଖେ ଯାତ୍ରା କରିବେ ।



# ମୁଖ୍ୟ ନିର୍ବାଚ଼ନ କମିଶନର ନିଯୁକ୍ତ ମାମଲା: ଶୁଣାଣିରୁ ଓହରି ଗଲେ ପ୍ରଧାନ ବିଚ଼ାରପତି

ଭୁବନେଶ୍ୱର,୩।୧୨(ପି.ଏନ): ଦେଶର ମୁଖ୍ୟ ନିର୍ବାଚ଼ନ କମିଶନର ଓ ନିର୍ବାଚ଼ନ କମିଶନର ନିଯୁକ୍ତି ସଂକ୍ରାନ୍ତ ଆଇନ ବିରୋଧରେ ହୋଇଥିବା ଆବେଦନର ଶୁଣାଣିରୁ ଓହରି ଯାଇଛନ୍ତି ପ୍ରଧାନ ବିଚ଼ାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା। ସେ ନିଜ ଆଡରୁ ମାମଲାରୁ ଓହରି ଯାଇଥିବାରୁ ଏବେ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ରେ ଆଉ ଏକ ବେଞ୍ଚରେ ହେବ।ମୁଖ୍ୟ ନିର୍ବାଚ଼ନ କମିଶନର ଓ ଅନ୍ୟ ଦୁଇ ନିର୍ବାଚ଼ନ କମିଶନରଙ୍କୁ ନିଯୁକ୍ତି ପାଇଁ ଗଠିତ ପ୍ୟାନେଲରୁ ସୁପ୍ରିମକୋର୍ଟର ପ୍ରଧାନ ବିଚ଼ାରିପତିଙ୍କୁ ବାଦ ଦେବା ପାଇଁ ଆଇନ ପ୍ରଣୟନ ହୋଇଛି। ଏହାକୁ ବିରୋଧ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଏର କରାଯାଇଛି ।ପ୍ରଧାନ ବିଚ଼ାରପତି ଜଷ୍ଟିସ ଖାନ୍ନା ଯେତେବେଳେ ସୁପ୍ରିମକୋର୍ଟରେ କେବଳ ବିଚ଼ାରପତି ଥିଲେ ଏହି ପିଟିସନ ଗୁଡିକର ଶୁଣାଣି ଆରମ୍ଭ କରିଥିଲେ। ସେହି ସମୟରେ ଆଇନକୁ ନେଇ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ।



# ସ୍କୁଲରେ ନାହାନ୍ତି ଇଂରାଜୀ ଶିକ୍ଷକ, ପିଲାଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

ଭୁବନେଶ୍ୱର,୩।୧୨(ପି.ଏନ): ସ୍କୁଲରେ ନାହାନ୍ତି ଇଂରାଜୀ ଶିକ୍ଷକ । ଏ ନେଇ ଅଭିଯୋଗ କରିବା ପାଇଁ ଛାତ୍ରୀଙ୍କୁ କରିବାକୁ ପଡିଛି ବହୁ କଷ୍ଟ । ସ୍କୁଲରେ ଇଂରାଜୀ ଶିକ୍ଷକ ନିଯୁକ୍ତ କରାଇବା ଦାବି ନେଇ ୮ ଜଣ ଛାତ୍ରୀଙ୍କୁ ୧୦ କି.ମି ବାଟ ଚ଼ାଲିବାକୁ ପଡିଛି । ଉଦଳା ତହସିଲ ଅଫିସରେ ଖୁଣ୍ଟାକମଳୀ ଆଶ୍ରମ ସ୍କୁଲର ୮ ଛାତ୍ରୀ ଯାଇ ପହଞ୍ଚିଛନ୍ତି । ସ୍କୁଲରେ ନିମ୍ନମାନର ଖାଦ୍ୟ ସହିତ ଇଂରାଜୀ ଶିକ୍ଷକ ନିଯୁକ୍ତି ପାଇଁ ସେମାନେ ଦାବି ରଖିଛନ୍ତି ।



# ଦୁଇ ଛୁଆଙ୍କୁ ଧରି ଘଞ୍ଚ ଜଙ୍ଗଲରେ ବୁଲୁଛି ମହାବଳ


ଭୁବନେଶ୍ୱର,୩।୧୨(ପି.ଏନ):ଦୁଇ ଛୁଆଙ୍କୁ ଧରି ଘଞ୍ଚ ଜଙ୍ଗଲରେ ବୁଲୁଛି କଳା ମହାବଳ। ସମସ୍ତେ ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଯାହାର ଫଟୋ ସୋଶାଲ ମିଡିଆ ଏକ୍ସରେ ଜାରି କରିଛି ବନ ବିଭାଗ। ଶିମିଳିପାଳ ଅଭୟାରଣ୍ୟରୁ ଆସିଛି ଏପରି ଚ଼ିତ୍ର।ପିସିସିଏଫ୍ ପୋଷ୍ଟ କରିଥିବା ୩ଟି ଫଟୋରେ ଦେଖିବାକୁ ମିଳିଛି ଶିମିଳିପାଳ କଳା ମହାବଳ ବାଘଟି ନିର୍ଭରରେ ଘୂରି ବୁଲୁଛନ୍ତି। ଯାହାର ନାଁ ଦିଆଯାଇଛି ଟି୨୪। ଶିମିଳିପାଳର କୋର ଅଞ୍ଚଳରେ ଏହି T୨୪ ବାଘଟି ତା'ର ଦୁଇ ଛୁଆଙ୍କୁ ସାଙ୍ଗରେ ଧରି ବୁଲୁଛି। ବାଘ ପଛେ ପଛେ ଛୁଆମାନେ ବୁଲୁଥିବା ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ପିସିସିଏଫ୍‌ଙ୍କ ଏହି ପୋଷ୍ଟରେ ଶିମିଳିପାଳ ଅଭୟାରଣ୍ୟରେ ନିର୍ଭୟରେ ବାଘ ବୁଲୁଥିବା ଦର୍ଶାଇଛନ୍ତି। ହେଲେ ଏହି ଶାବକମାନଙ୍କ ବୟସ, ଲିଙ୍ଗ ଓ ସ୍ଥାନ ବିଷୟରେ ଉଲ୍ଲେଖ କରାଯାଇ ନାହିଁ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାଓକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଆମ କ୍ରୀଡା ଦିବସ

ପ୍ରକୃତିର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟକ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହିସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ, ଯୁଗେ ଯୁଗେ ପ୍ରକୃତିର ଶାନ୍ତକାନ୍ତ କମନୀୟ ରୂପମାଧୁରୀ କବି, ଦର୍ଶକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମକ୍ଲାନ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶ ଗ୍ରହଣ କରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ, ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁ ଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ୍ଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିକ୍ଷ, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଅନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିରୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଉଠନ୍ତି। ମନୁଷ୍ୟର ଶାରୀରିକ, ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ କ୍ରୀଡା ଆବଶ୍ୟକ ଜରୁରୀ ହୋଇପଡିଛି।

ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାରଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେତେପ୍ରକାର କ୍ରୀଡା ଅଛି ସେସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟ୍‌ବଲ୍, ଭଲିବଲ, କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତିତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତି ଭୁଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି। ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନୋନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ।

କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲିମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରିବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲିମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତା ସୃଷ୍ଟି କରୁଥିଲା। ଅଲିମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକତା ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ। ଅଲିମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁ ନ ଥିଲା।

କିନ୍ତୁ ସମୟକ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲିମ୍ପିକ୍ କ୍ରୀଡାରେ ଅଂଶଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତା'ର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲିମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।

ଅଲିମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି। ଯଥା- ଏସିଆଡ୍, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଣ୍ଡ ପ୍ରିକସ୍, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍‌ଡ ସିଲ୍‌ଡ, ହ୍ୱାଇଟ୍




ମ୍ୟାନ୍ କପ୍, ଏଫ୍.ଏ. କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ. ସିଲ୍‌ଡ, ବିଜୟଲକ୍ଷ୍ମୀ କ୍ଲବ୍ ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।

କ୍ରୀଡାବିତ୍, କ୍ରୀଡାପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳିମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଯେ ଦେଶର ହିତ ହୋଇଥାଏ ତା' ନୁହେଁ; ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭ୍ରାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

# —ମାଗଣା ବିଦ୍ୟୁତ—

ଦେଶରେ ଭୋଟଦାତାମାନଙ୍କୁ ପ୍ରଲୋଭିତ କରି କ୍ଷମତା ଦଖଲ କରିବା ପାଇଁ ନିର୍ବାଚନ ସମୟରେ ରାଜନୈତିକ ଦଳମାନଙ୍କର ମାଗଣା ସାମଗ୍ରୀ ବଂଟନ ପ୍ରତିଶ୍ରୁତି ଯୋଜନାକୁ ନେଇ ବିତର୍କ ଲାଗି ରହିଥିବାବେଳେ ଏବେ ବିଦ୍ୟୁତ ଶୁଳ୍କ ଛାଡ ଘୋଷଣା ବିଦ୍ୟୁତ କମ୍ପାନୀଗୁଡିକ ପାଇଁ ଭବିଷ୍ୟତରେ ଗୁରୁତର ଆର୍ଥିକ ସଂକଟର କାରଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ବିଦ୍ୟୁତ ପରିବହନଜନିତ କ୍ଷତି ବଢିଚାଲିଥିବା ବେଳେ ହଜାର ହଜାର କୋଟି ଟଙ୍କା କ୍ଷତିଯୋଗୁଁ କମ୍ପାନୀଗୁଡିକ ଗୁରୁତର ସଂକଟର ସମ୍ମୁଖୀନ। ଦେଶରେ ବିଦ୍ୟୁତ ଉତ୍ପାଦନ, ପରିବହନ ଏବଂ ବିତରଣକୁ ସୁବ୍ୟବସ୍ଥିତ କରିବା ପାଇଁ ୯୦ ଦଶକରୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସତ୍ୱେ ସେଥିରୁ କୌଣସି ସୁଫଳ ମିଳୁ ନ ଥିବା କୁହାଯାଏ। ଗତ ସପ୍ତାହରେ ଜାତୀୟ ଗ୍ରୀଡ୍ ଅପରେଟର ପାୱାର ସିଷ୍ଟମ ଅପରେସନ କର୍ପୋରେସନ (ପୋସୋ) ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୨୭ଟି ବିଦ୍ୟୁତ ବଂଟନକାରୀ କମ୍ପାନୀ ଉପରେ ପାୱାର ଜେନେରେଟିଂ କମ୍ପାନୀଗୁଡିକ ଉପରେ ବ୍ୟାପକ ବକେୟା ଥିବାରୁ ବିଦ୍ୟୁତ କ୍ରୟ ଓ ବିକ୍ରୟ ସୀମିତ କରିବାକୁ ୩ଟି ପାୱାର ଏକ୍ସଚେଞ୍ଜକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଇଲେକ୍ଟ୍ରିସିଟି (ଲେଟ ପେମେଂଟ ସରଚାର୍ଜ ଆଣ୍ଡ ରିଲେଟେଡ୍ ମ୍ୟାଟରର୍ସ) ରୁଲ-୨୦୨୨ ଅନୁଯାୟୀ ନିଆଯାଇଛି। ଇତିମଧ୍ୟରେ ବହୁ ରାଜ୍ୟ ସେମାନଙ୍କର ବକେୟା ପରିଶୋଧ କରିଥିବା କୁହାଯାଇଛି। ତେବେ ଏଥିରୁ ବିଦ୍ୟୁତ ବଂଟନକାରୀ କମ୍ପାନୀ (ଡିସ୍‌କମସ) ଗୁଡିକରେ ଆର୍ଥିକ ଦୁରବସ୍ଥା କେତେ ଯେ ଗମ୍ଭୀର, ତାହା ସ୍ମରଣ କରାଇଦେଇଛି। ଏହା ନିଶ୍ଚିତ ଯେ, ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଂଟନ ମଧ୍ୟରେ ବଂଟନ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ସବୁଠୁ ଦୁର୍ବଳ। ବିଦ୍ୟୁତ ବଂଟନ କ୍ଷେତ୍ରରେ କ୍ଷତି ବଢିଚାଲିଥିବାବେଳେ ପାୱାର ଜେନେରେଟିଂ କମ୍ପାନୀ(ଜେନ୍‌କସ୍)ଗୁଡିକର ବକେୟା ବିଦ୍ୟୁତ ବଂଟନକାରୀ କମ୍ପାନୀ(ଡିସକସ୍)ମାନଙ୍କ ଉପରେ ବଢିଚାଲିଛି। ଯାହାର ପରିଣତିସ୍ୱରୁପ କୋଇଲା ଖଣିଗୁଡିକୁ ଦେୟ ପ୍ରଦାନରେ ବିଳମ୍ବ ଘଟୁଥିବା କୁହାଯାଏ। ଯାହାର ପ୍ରଭାବ ସିଧାସଳଖ ଭାବେ ସମଗ୍ର ପାୱାର ସେକ୍ଟରର ସ୍ଥିରତା ଉପରେ ପଡୁଛି ବୋଲି କୁହାଯାଇପାରେ। ରାଜ୍ୟ ଡିସକମସ ତଥା ବିଦ୍ୟୁତ ବଂଟନକାରୀ କମ୍ପାନୀଗୁଡିକର ଆର୍ଥିକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଥିବା ଆଶାଠାରୁ କମ୍ ସୁଫଳ ମିଳିଛି। ପ୍ରତ୍ୟେକ ଥର ଆର୍ଥିକ ସହାୟତା ବଢିଚାଲିଛି। ୨୦୦୦ ମସିହା ପ୍ରାରମ୍ଭରେ ରାଜ୍ୟ ବିଦ୍ୟୁତ ବୋର୍ଡଗୁଡିକୁ ୪୧,୫୦୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦିଆଯାଇଥିବାବେଳେ ୨୦୧୨ରେ ଏହା ୧୨ଲକ୍ଷ କୋଟି ଥିଲା। ସେହିପରି ୨୦୧୫ରେ ଉଦୟ ଯୋଜନାରେ ପ୍ୟାକେଜ ପରିମାଣ ୨କୋଟି ଥିଲା। ସେହିପରି ୨୦୨୦ରେ ପାୱାର ଫାଇନାନ୍ସ କର୍ପୋରେଟସନ ଏବଂ ଗ୍ରାମାଚଂଳ ବିଦ୍ୟୁତକରଣ କର୍ପୋରେସନ ୧.୩୫ ଲକ୍ଷ କୋଟି ଟଙ୍କା ଋଣ ମଂଜୁର କରିଥିଲେ। ସେହିପରି ୨୦୨୨ରେ ଆଉ ଏକ ପ୍ୟାକେଜ ଘୋଷଣା କରାଯାଇଛି। ନିକଟରେ ଡିସକମ୍‌ସଗୁଡିକର ବିଦ୍ୟୁତ କ୍ରୟ ଦେୟ ପରିଶୋଧ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୪.୩୨ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଅନୁଦାନ କରିଛି। ଯାହାକି ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମାଚଂଳ ବିକାଶ କ୍ଷେତ୍ରରେ ବ୍ୟୟଠାରୁ ଅଧିକ। ଏଥିରୁ ଦେଶରେ ଡିସକମ୍‌ସଗୁଡିକର ଆର୍ଥିକ ଅବସ୍ଥା କେତେ ଗୁରୁତର ତାହା ସ୍ପଷ୍ଟ ଅନୁମେୟ। ଏହା ନିଶ୍ଚିତ ଯେ, ଡିସକମ୍‌ସଗୁଡିକର କ୍ଷତିର ମୂଳ କାରଣ ହେଉଛି ବିଦ୍ୟୁତ ଚୋରୀ। ଯାହାକୁ ଏପର୍ଯ୍ୟନ୍ତ କମ୍ପାନୀ ରୋକିପାରିନାହିଁ। ତେବେ ଡିସକମ୍‌ସଗୁଡିକର ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ସମୟ ଭିତିରେ ନିୟମିତ ଶୁଳ୍କ ବୃଦ୍ଧିର ଆବଶ୍ୟକତା ରହିଛି। ଯାହାକୁ ରାଜନୈତିକ ଦଳମାନେ ବିରୋଧ କରି ଆସୁଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଫାଇଦା ପାଇଁ ରାଜନୈତିକ ଦଳଗୁଡିକ ବିଦ୍ୟୁତ ଶୁଳ୍କ ଛାଡ କରିବାରେ ଲାଗିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ କରିଛି। ସେହିପରି ଆଗକୁ ହେଉଥିବା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆମ ଆଦ୍‌ମୀ ପାର୍ଟି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଛାଡ ପ୍ରତିଶ୍ରୁତି ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମାଗଣା ସଂସ୍କୃତିକୁ ରେଭଡି ବୋଲି କହିଥିବା ବେଳେ ଆମ ଆଦମୀ ପାର୍ଟି ଏହାକୁ ସମାଲୋଚନା କରିଛି। ଏହା ନିଶ୍ଚିତ ଯେ, ମାଗଣା ବିଦ୍ୟୁତ ସଂସ୍କୃତିରେ ଦେଶରେ ବିଦ୍ୟୁତ କ୍ଷେତ୍ର ବିପର୍ଯ୍ୟସ୍ତ ହେବା ଆଶଙ୍କାକୁ ଏଡାଇଦେଇ ହେଉନାହିଁ।

# ଗାଡ଼ି ପାର୍କିଂର ମହାଘୋଟାଲା ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କିଂ ମହାଘୋଟାଲାର କ୍ରାଇମବ୍ରା ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍‌ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ (ୟୁନିଟ୍-୨) ଓ ରାଜମହଲ ଛକରୁ ମାଷ୍ଟର କ୍ୟା ିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟା ିନ ଓ ମାଷ୍ଟର କ୍ୟା ିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କିଂ ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିନ୍ନରମାନଙ୍କୁ ନିୟୋଜିତ ନକରି କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିୟୋଜିତ କରି ବିଏମ୍‌ସି ଚିହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖୁଥିବା ବ୍ୟକ୍ତିମାନଙ୍କଠାରୁ ଟିକେଟ ନଦେଇ ଅସାଧୁ ଉପାୟରେ ଅର୍ଥ ଆଦାୟ କରିବା ଓ କିଛି ଲୋକଙ୍କୁ ଟିକେଟ ଦେଇ ଟିକେଟର ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରିଥାନ୍ତି। ଯାହାକି ସାଧାରଣ ଲୋକଙ୍କ ମନରେ କିନ୍ନର ସମାଜ ପ୍ରତି ଘୃଣା ମନୋଭବ ଜାଗ୍ରତ ହୋଇଥାଏ। କିନ୍ତୁ ବଡ଼ ଦୁଃଖର ବିଷୟ, ବିଏମ୍‌ସିର ଅଧିକାରୀ ଓ କିନ୍ନର ଟିଜି ସ୍ୱୀକୃତି ଓ ପରିଚୟ ଯେଉଁ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ କେଉଁ ଆଧାରରେ ସାଇକେଲ ଷ୍ଟାଣ୍ଡର ଦାୟିତ୍ୱ ଦିଆଯାଇଥିଲା ତାହା ତଦନ୍ତସାପେକ୍ଷ? ଅନ୍ୟ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ନ ଡ଼ାକି କାହିଁକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ନରମାନଙ୍କୁ ଦାୟିତ୍ୱ ଦେଇଥିଲେ ତାହା ବୁଝାପଡୁନାହିଁ। ଯାହାର ଫାଇଦା ନେଇ ଏହି ଏସ୍‌ଏଚ୍‌ଜିମାନେ ବେଆଇନ ଭାବେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବେ ନଜରକୁ ଆସିଛି। ଖାଲି ସେତିକି ନୁହେଁ, ବିନା କାରଣରେ ସାମ୍ବାଦିକ ତଥା ଲେଖକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇବାକୁ ଧମକାଇବା, ଷ୍ଟାଣ୍ଡରେ ବିନା କାରଣରେ ସାଧାରଣ ଲୋକଙ୍କୁ ମାଡ଼ ମାରିବା, ଦୁଇ ତିନିଜଣ ସାମ୍ବାଦିକଙ୍କୁ ଧମକ ଦେବା ଭଳି ଅନେକ ଅନୈତିକ କାର୍ଯ୍ୟରେ ଏହି କିନ୍ନରମାନେ ଲିପ୍ତ ଅଛନ୍ତି। ଯେଉଁ ବାହାର ପିଲାମାନଙ୍କ ମାଧ୍ୟମରେ ସାଇକେଲ ଷ୍ଟାଣ୍ଡରେ ପଇସା ଆଦାୟ କରୁଥିଲେ, ସେମାନଙ୍କ ଦରମା ୧୨ ହଜାର ଥିବାବେଳେ ସେମାନଙ୍କୁ ୭ ହଜାର ଟଙ୍କା ଦେଇ ବାକି ପଇସାକୁ ନିଜେ ଆତ୍ମସାତ କରୁଥିଲେ। ଏତଦ୍‌ବ୍ୟତୀତ ସାଇକେଲ ଷ୍ଟାଣ୍ଡରୁ ମଧ୍ୟ ମାସିକ ପାଖାପାଖି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରୁଥିଲେ। ଆମ୍ଭର ଦାବିଗୁଡ଼ିକ ମଧ୍ୟରେ ମେଘନା ସାହୁ, ନିଲମ କିନ୍ନର ଓ ଟିଜି ସ୍ୱୀକୃତି ଏସ୍‌ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍‌ଏଚ୍‌ଜିଠାରୁ ଦୁଇଚକିଆ ଯାନ ପାର୍କିଂ ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରା / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିଂରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ଦରମା ନଦେଇ ସେମାନଙ୍କ ଅର୍ଥକୁ ହଡ଼ପ କରିଥିବା ଟିଜି ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ, ଗାଡ଼ି ପାର୍କିଂ ନାମରେ ସାରା ଓଡ଼ିଶାରେ କିନ୍ନରମାନଙ୍କୁ ବଦନାମ କରିଥିବା କିନ୍ନର ଏସ୍‌ଏଚ୍‌ଜିମାନଙ୍କ ବିରୋଧରେ କ୍ରାଇମ ବ୍ରା ତଦନ୍ତ କରାଯାଉ। ଗତକାଲିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ। ଏଥିରେ ସୋନମ କିନ୍ନର, ପୂଜା କିନ୍ନର, ମିଠି କିନ୍ନର, ଶ୍ରାବଣୀ କିନ୍ନର, ରୀନା କିନ୍ନର, ପାୟଲ କିନ୍ନର, ସୋନାଲି କିନ୍ନର, ଖୁସି କିନ୍ନର, ପଦ୍ମିନୀ କିନ୍ନର ପ୍ରମୁଖ ଧାରଣା ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟା ମହାନଗରପାଳ ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପା ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଏହି ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି।

# ଭାରତ ସ୍କାଉଟ୍‌ସ୍ ଓ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ଗତ ୨୯ ତାରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା। ଏଥିରେ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ତଥା ଉପସଭାପତି ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ଅଧ୍ୟକ୍ଷା ମହିଳା କମିଶନର ଡଃ. (ଶ୍ରୀମତୀ) ମିନତୀ ବେହେରା, ଉପାଧ୍ୟକ୍ଷ, ଅନ୍ତର୍ଜାତୀୟ ସମବାୟ ମତ୍ସ୍ୟ ସଂଗଠନ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, 'ସମାଜ'ର ମୁଦ୍ରାକାର ଓ ପ୍ରକାଶକ ଶ୍ରୀଯୁକ୍ତ ନିରଞ୍ଜନ ରଥ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଆଡଲ୍ଟ ରିସୋର୍ସ) ଅଶୋକ କୁମାର ରଥ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟସଭ୍ୟା ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ମିହିରରଞ୍ଜନ ପଟ୍ଟନାୟକଙ୍କ ଆଗତ ଦିବଂଗତ ସ୍କାଉଟ ଓ ଗାଇଡ୍ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶାବ୍ୟକ୍ତ କରିଥିଲେ। ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଆଗତ ପ୍ରସ୍ତାବଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କିଷାନ ଚିନ୍ତନ ଶିବିର

ଭୁବନେଶ୍ୱର (ପିଏନ୍)-କେନ୍ଦ୍ରର ବିଜେପି ଏବଂ ରାଜ୍ୟର ବିଜେଡ଼ି ଶାସନ କାଳରେ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ ଓ ଚାଷ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ଗୋଟିଏ ପଟେ ଉଭୟ ସରକାର ଚାଷୀର ବିକାଶ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟରେ ୨୨ ବର୍ଷର ଶାସନ କାଳରେ ଋଷୀ ଆତ୍ମହତ୍ୟା ୧୫ ହଜାରକୁ ଟପିଲାଣି। ଦେଶର ଜାତୀୟସ୍ତରରେ ଚାଷୀର ଆୟ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିବା ବେଳେ ରାଜ୍ୟ ସରକାର ବାରମ୍ବାର କୃଷିକର୍ମଣ ପାଇଁ ବାହାବା ନେଉଥିବା ବେଳେ ଚାଷୀର ମାସିକ ଆୟ ୫୧୧୨ ଟଙ୍କା ଅଛି। ଚାଷୀ ଠିକଣା ସମୟରେ ଆବଶ୍ୟକ ପରିମାଣର ବିହନ, ସାର, କୃଷିଋଣ ଓ ଫସଲବୀମା କ୍ଷତିପୂରଣ ପାଇବାରୁ ବଂଚିତ। କାଳିଆ ଓ ବଳିଆ ଯୋଜନା କେବଳ ଭୋଟ ସର୍ବସ୍ୱ ହୋଇଛି। କୃଷି ଭିତିଭୂମି ଅସଜଡ଼ା ଥିବା ବେଳେ ଅନ୍ୟ ଯେଉଁ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ତଦ୍ୱାରା ଚାଷୀର ବିକାଶ ହେବା ପରିବର୍ତେ ବିନାଶ ଘଟୁଛି। କେନ୍ଦ୍ର ସରକାର ଋଷୀର କୃଷି ଋଣ ଛାଡ଼ କରୁନଥିବା ବେଳେ ଶିଳ୍ପପତି ଓ ପୁଁପତି ମାନଙ୍କୁ ଋଣ ଛାଡ଼ କରିବାରେ ବେସ ତତ୍ପର। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଫସର ଫାଟିଛି। ଚାଷୀ ତା ଉତ୍ପାଦିତ ଫସଲରର ଉଚିତ ମୂଲ୍ୟ ପାଉନାହିଁ। ଭାଗଚାଷୀଙ୍କ ସମସ୍ୟା କହିଲେ ନ ସରେ। ଚାଷୀ ବୀମା ପ୍ରିମିୟମ ପୈଠକରି କ୍ଷତିପୂରଣ ପାଉନଥିବା ବେଳେ ସରକାର ଓ ବୀମା କମ୍ପାନୀ ମାଲାମାଲ। କିନ୍ତୁ ଆଳୁ ମିଶନ, ପିଆଜ ମିଶନ ମଣ୍ଡି ଓ ଖଳା ନିର୍ମାଣରେ କୋଟି କୋଟି ଟଙ୍କା ଅପବ୍ୟୟ ହେଉଛି। ବର୍ତମାନ ବର୍ଷା ଓ ବନ୍ୟା ବିପତି ସମୟରେ ବିପନ୍ନଙ୍କୁ ଉଦ୍ଧାର ଏବଂ ସହାୟତା ଯୋଗାଇ ଦେବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ହଜାର ହଜାର ହେକ୍ଟର ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଛି। ନଦୀବନ୍ଧ ମରାମତିରେ ବ୍ୟାପକ ଦୁର୍ନୀତି ଓ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ଆଜି ଲକ୍ଷ ଲକ୍ଷ ଲୋକେ ପାଣିଘେରରେ ଷଡୁଛନ୍ତି। ଏ ବନ୍ୟା ସଂପୂର୍ଣ୍ଣ ମନୁଷ୍ୟକୃତ। ଏଣିକି ଚାଷୀକୂଳ ଆଉ ବିଜେପି ଓ ବିଜେଡ଼ି ସରକାରଙ୍କ କୃଷକ ମାରଣ ନୀତିକୁ ବରଦାସ୍ତ କରିବେ ନାହିଁ। ଗାଁ ଗଣ୍ଡାରେ ଚାଷୀ ମେଳି ଦୁର୍ବାର ରୂପ ନେବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଚିଂ'ନ ଶିବିରରେ ବକ୍ତବ୍ୟ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଆସନ୍ତା ଦୁଇମାସ ମଧ୍ୟରେ ଗ୍ରାମ ସ୍ତରରୁ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯାଇ ପରବର୍ତି ସମୟରେ ଏକ ବିଶାଳ ଚାଷୀ ସମାବେଷ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତକାଲି ପୂର୍ବାହ୍ନରେ ପିସିସି କାର୍ଯ୍ୟାଳୟରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ ପଟ୍ଟନାୟକଙ୍କକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସୁଖପାଲ ସିଂ ଖେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡ଼ି ସରକାରଙ୍କ ସମୟରେ ଓଡ଼ିଶାର ଚାଷୀ ଚାଷ ଛାଡ଼ି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। କିନ୍ତୁ ସରକାରଙ୍କ ଯୋଜନା ଉପରେ ଯୋଜନା। ଚାଷୀ ଏବେ ଅତି ସଂକଟଜନକ ସ୍ଥିତିରେ। ଚାଷୀ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଛି। ଫସଲବୀମା ଯୋଜନା ନାରେ ଚାଷୀର ପ୍ରିମିୟମ ଟଙ୍କାକୁ ହରିଲୁଟ କରାଯାଉଛି। ତେଣୁ ଚାଷୀ ଆଉ ତାର ହକ୍ ମାଗିଲେ ହକ୍ ପାଉନାହିଁ। କେବଳ ପୁଁପତିଙ୍କ ପାଇଁ ଏ ସରକାର ବୋଲି ଶ୍ରୀ ଖେରା କହିଥିଲେ। ଆସଂ। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପ୍ରତି ଜିଲ୍ଲାରେ ଜିଲ୍ଲା କିଷାନ କଂଗ୍ରେସ ତରଫରୁ ଜିଲ୍ଲାସ୍ତରୀୟ କିଷାନ ଚିଂ'ନ ଶିବର ଆୟୋଜନ କରାଯାଇ ଚାଷୀ ସମସ୍ୟା ସଂପର୍କରେ ଏକ ଚିଠା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଚିନ୍ତନ ବୈଠକରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସର୍ବଶ୍ରୀ ସଂ'ୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଫଳତା ସଂପର୍କରେ ଆଲୋକପାତ କରିଥିଲେ। ଶେଷରେ ଦେଓଗଡ଼ କିଷାନ କଂଗ୍ରେସ ସଭାପତି ସଂ'ୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ବୈଠକରେ ପ୍ରଦେଶ କିଷାନ କଂଗ୍ରେସର ସମସ୍ତ କର୍ମକର୍ତା, ଜିଲ୍ଲା ଓ ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦ ଉପସ୍ଥିତ ରହି ସେମାନଙ୍କ ଜିଲ୍ଲାରେ ଉପୁଜିଥିବା ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ବୈଠକ ପ୍ରାରମ୍ଭରୁ କଂଗ୍ରେସ କାର୍ଯ୍ୟାଳୟରେ ଥିବା ମହା ମନିଷୀ ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଓ କଂଗ୍ରେସ ଭବନ ପରିସରରେ କିଷାନ କଂଗ୍ରେସ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ**

**ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଡିସେମ୍ବର ୪**

# ରମାଦେବୀ ଚୌଧୁରୀ



ଡ଼ଃ.ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଭାବେ ରମାଦେବୀ ଚୌଧୁରୀ ଚିରସ୍ମରଣୀୟ । ଓଡ଼ିଶାବାସୀଙ୍କ ନିକଟରେ ସେ ମା' ନାମରେ ପରିଚିତ । ମାତ୍ର ୧୫ ବର୍ଷ ବୟସରେ ତତ୍କାଳୀନ ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ୧୯୨୧ରେ ସ୍ୱାମୀ-ସ୍ତ୍ରୀ ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଆନ୍ଦୋଳନରେ ସାମିଲ ହେବାକୁ ଗାଁ ଗାଁ ବୁଲି ମହିଳାମାନଙ୍କୁ ରମାଦେବୀ ଉତ୍ସାହିତ କରୁଥିଲେ । ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ପ୍ରଥମେ ସେ ମହାତ୍ମାଗାନ୍ଧୀଙ୍କ ସଂସ୍ପର୍ଶରେ ଆସିଥିଲେ । ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ସେ ଖଦି ପିନ୍ଧିବା ଆରମ୍ଭ କରିଥିଲେ । ୧୯୩୦ରେ ଓଡ଼ିଶାରୁ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ଅନ୍ୟ ସତ୍ୟାଗ୍ରହୀ କିରଣବାଳା ସେନ୍, ମାଳତୀ ଦେବୀ, ସାରଳାଦେବୀ, ପ୍ରାଣକୃଷ୍ଣ ପଢ଼ିଆରୀଙ୍କ ସହିତ ଇଞ୍ଚୁଡ଼ି ଆଦି ଯାତ୍ରା କରିଥିଲେ । ସାରଳାଦେବୀ, ମାଳତି ଚୌଧୁରୀ ଓ ଅନ୍ୟ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ୧୯୨୧, ୧୯୩୦, ୧୯୩୬, ୧୯୪୨ରେ ରମାଦେବୀଙ୍କୁ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା । ହଜାରିବାଗ ଜେଲରୁ ମୁକ୍ତ ହେବା ପରେ ହରିଜନ ମଙ୍ଗଳରେ ସେ ସକ୍ରିୟ ଯୋଗ ଦେଇଥିଲେ । ଅସ୍ପୃଶ୍ୟତା ଉଚ୍ଛେଦ ଉପରେ ତାଙ୍କର ଅବଦାନ ଅତୁଳନୀୟ । ବରିଠାରେ ରମାଦେବୀ ଏକ ଆଶ୍ରମ ସ୍ଥାପନା କରିଥିଲେ, ଗାନ୍ଧିଜୀ ଯାହାର ନାମ ଦେଇଥିଲେ ସେବାଘର । ଭାରତ ଛାଡ଼ ଆନ୍ଦୋଳନ ସମୟରେ ରମାଦେବୀଙ୍କ ପୁରା ପରିବାରକୁ ବନ୍ଦୀ କରାଯାଇଥିଲା । ଭାରତ ସ୍ୱାଧୀନ ହେବା ପରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ, ଗ୍ରାମଦାନ ଆନ୍ଦୋଳନରେ ରମାଦେବୀ ନିଜକୁ ଉତ୍ସର୍ଗ କରିଥିଲେ । କଟକ ଠାରେ ଏକ ପ୍ରାଇମେରୀ ସ୍କୁଲ, ଶିଶୁ ବିହାର ଓ କର୍କଟ ଚିକିତ୍ସାଳୟ ସେ ପ୍ରତିଷ୍ଠା କରିଥିଲେ । ତାଙ୍କ ସ୍ମୃତିରେ ଭୁବନେଶ୍ୱର ଠାରେ ରମାଦେବୀ ମହିଳା ମହାବିଦ୍ୟାଳୟ ନାମିତ ହୋଇଛି । ଦେଶକୁ ଅବଦାନ ପାଇଁ ତାଙ୍କୁ ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୧୮୯୯ ଡିସେମ୍ବର ଆଜିର ଦିନ କଟକସ୍ଥିତ ସତ୍ୟଭାମାପୁର ଗ୍ରାମରେ ରମାଦେବୀ ଚୌଧୁରୀ ଜନ୍ମ ଗ୍ରହଣ କରିଥିଲେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*

*ଦୂରଭାଷ : ୯୯୩୭୧୭୨୮୧୦*

# ଭାରତୀୟ ନୌ-ସେନା ଦିବସ



ଯଶସ୍ୱିନୀ ପଟ୍ଟନାୟକ

ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ଆମ ଦେଶର ନୌ-ସେନା ଦିବସ ପାଳିତ ହୁଏ । ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ୧୯୭୧ ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା କରାଚୀ ବନ୍ଦର ଆକ୍ରମଣ କରିଥିଲା । ଉକ୍ତ ଆକ୍ରମଣର ସାଙ୍କେତିକ ନାମ ଥିଲା ଟ୍ରାଇଡେଣ୍ଟ । ଆକ୍ରମଣର ପରିଣାମ ସ୍ୱରୂପ ପାକିସ୍ତାନୀ ନୌ-ସେନାର ଡେଷ୍ଟ୍ରୟର ପିଏନ୍‌ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍‌ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା । ୭୨୦ ପାକିସ୍ତାନୀ ନୌ-ସୈନିକ ପ୍ରାଣ ହରାଇଥିଲେ । ତେଣୁ ଡିସେମ୍ବର ୪, ଆମ ପାଇଁ ଏକ ବିଜୟ ଦିବସ । ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ନୌ-ସେନାର ଅବଦାନ ଅତୁଳନୀୟ । ସପ୍ତଦଶ ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀଙ୍କୁ ଭାରତୀୟ ନୌସେନାର ଜନକ କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌ-ସେନାର କର୍ମଚାରୀ ସଂଖ୍ୟା ଏବେ ୫୮୩୫୦ ।ଆମର ଅଛି ଗୋଟିଏ ଆଣବିକ ବୁଡ଼ାଜାହାଜ, ତେରଟି ପାରମ୍ପରିକ ବୁଡ଼ାଜାହାଜ, ପନ୍ଦରଟି ଫ୍ରିଗେଟ୍, ଆଠଟି ଗାଇଡେଡ୍ ମିଜାଇଲ୍ ଡେଷ୍ଟ୍ରୟର, ଚବିଶଟି କର୍ଭେଟ ଏବଂ ଗୋଟିଏ ଏଆର୍‌କ୍ରାଫ୍‌ଟ କାରିଅର୍ । ବଡ଼ଖୁସିର କଥା ଚଳିତ ବର୍ଷ ଭାରତୀୟ ନୌସେନାର ପ୍ରତିଷ୍ଠା ଦିବସ ବ୍ୟାପକ ଭାବେ ପାଳନ ହେଉଛି । ଖୋଦ ମହାମହିମ ରାଷ୍ଟ୍ରପତି ଏହାକୁ ଦେଖିବା ପାଇଁ ପୁରୀ ଆସୁଛନ୍ତି । ବିଧିବଦ୍ଧ ଭାବେ ନୌସେନା ଦିବସରେ ମୁଖ୍ୟ ଅତିଥି ଭାବେ ସେ ମଧ୍ୟ ଯୋଗଦାନ କରିବେ । ଭାରତୀୟ ନୌସେନା ବାସ୍ତବିକ ଭାବେ ଆମ ଉତୁଙ୍ଗ ସେନା ସାମର୍ଥ୍ୟର ପ୍ରତୀକ । ଜଳ, ସ୍ଥଳ ଓ ଆକାଶରେ ବୀରତ୍ୱ, ପରାକ୍ରମ ସହ ଯୁଦ୍ଧ କୌଶଳ ପ୍ରଦର୍ଶନ ସାଙ୍ଗକୁ ପ୍ରଥମ ଥର ପାଇଁ ଓଡ଼ିଶାର ପୁରୀରେ ବ୍ଲୁ ଫ୍ଲାଗ ବିଚରେ ପରାକ୍ରମ ଦେଖାଇବ ନୌସେନା ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,*

# ପଣ୍ଡୁ ଓଷା



ପୁଷ୍ପମିତ୍ର ମହାପାତ୍ର

ପଣ୍ଡୁଓଷା ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁପୂର୍ଣ୍ଣିମା କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁର ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ଼ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ ନିର୍ଦ୍ଦିଷ୍ଟ ବିଧି ରହିଅଛି । ଏଥିପାଇଁ ଗୃହଚଟାଣକୁ ଗୋବରରେ ଚିକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତହିଁ ପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷ କରି ପୁରୋହିତଙ୍କ ଦ୍ୱାର ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆ ପୂର୍ଣ୍ଣଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୁନା କରି ସେଥିରେ ନଡ଼ିଆ ଦେଇ ନଡ଼ିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁ ଓଷା ଏକ ନିଷ୍ଠାର ବ୍ରତ । ନାରୀ ଜାତି ବିଶେଷକରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଲୋକ ଗୀତରେ ଅଛି, 'ଅଇଲା ପଣ୍ଡୁ ମଲେ ମଶା / ଫାଟୁଆ ଦେଲେ ମୁରୁକି ହସା ।'

ମାର୍ଗଶୀର ମାସ ସାରା ମହିଳାମାନେ ପ୍ରତ୍ୟହ ସକାଳୁ ରାସ୍ତା ଝାଡୁ କରନ୍ତି । ପଣ୍ଡୁ ପୂର୍ଣ୍ଣିମା ଦିନ ଏହା ଶେଷ ହୁଏ । ସନ୍ଧ୍ୟାରେ ସେମାନେ ପଣ୍ଡୁ ଓଷା ପାଳନ କରନ୍ତି । ଭାଇଙ୍କ ଶୁଭ ମନାସି ସେମାନେ ଏହି ପୂଜା କରିଥାନ୍ତି । ଶ୍ରୀମନ୍ଦିରରେ ପରମ୍ପରା ଓ ବିଧିବିଧାନର ସହ ପଣ୍ଡୁ ପୂର୍ଣ୍ଣିମା ପାଳନ କରାଯାଏ । ଏ ଅବସରରେ ପଣ୍ଡୁ ନୃସିଂହଙ୍କର ଚାରି ଆଶ୍ରମ ବିଜେ ପାଳିତ ହୋଇଥାଏ । ସକାଳ ଧୂପ ପରେ ପାଳିଆ ପୁଷ୍ପାଳକମାନେ ମଇଲମ ଓ ବେଶ ସମ୍ପାଦନ କରିଥାନ୍ତି । ଏହି ସମୟରେ ଶ୍ରୀଜଗନ୍ନାଥଙ୍କୁ ଆଜ୍ଞାମାଳ ଲାଗି କରାଯାଏ । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣି ଭୋଗ ସମ୍ପାଦନ ହେଲେ, ମହାଜନ ସେବକ ପଣ୍ଡୁ ନୃସିଂହଙ୍କୁ ଭିତର ସିଂହାସନକୁ ବିଜେ କରାନ୍ତି । ସେଠାରେ ତାଙ୍କୁ ଆଜ୍ଞାମାଳ ପ୍ରଦାନ ପରେ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଯାଏ । ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକ ବିମାନକୁ ଶ୍ରୀକ୍ଷେତ୍ରର ଚାରି ଆଶ୍ରମରେ ପଦାର୍ପଣ କରାଇଥାନ୍ତି । ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ପରେ ପଣ୍ଡୁ ନୃସିଂହ ଶ୍ରୀମନ୍ଦିରକୁ ବିଜେ କରନ୍ତି ।

*ସେକ୍ଟର-୯, ସିଡିଏ, କଟକ*

# ଗୀତାର ଅମୃତଜ୍ଞାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ । ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ । ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ । ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି । ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି । ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ । ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା । ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ । ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ । ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ । ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ । ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ । ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜ୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା ।

ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି । ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ । କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ । ଏଣୁ ଫଳର ଆଶା ନକରି କର୍ମ କର । କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ । ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ । ଯାହା କାମନାକୁ ଜନ୍ମ ଦେଇଥାଏ । ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ । କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ । ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ । ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ । ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ । କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ । ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ । ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ । ନିରନ୍ତର ସନ୍ତୁଷ୍ଟ ରହିଥାଏ । ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ । ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ ।'

*ସହପ୍ରତିରକ୍ଷିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*

*ଦୂରଭାଷ : ୯୪୩୭୦୫୧୭୫୯*

# ଶୀତରେ ସ୍ୱାସ୍ଥ୍ୟ ରକ୍ଷା



ଡାକ୍ତର ଗୁରୁପଦ ମିଶ୍ର

ଶୀତ ଆସିଲେ ଥଣ୍ଡା ଓ ସର୍ଦ୍ଦି ଆସିଯାଏ । ଶୀତର କୋପରୁ ରକ୍ଷା ପାଇବାକୁ କେତେକ ପ୍ରାଣୀ ମାଟିତଳେ ପୋତି ହୋଇ ରହିଥାନ୍ତି, କିନ୍ତୁ ମଣିଷକୁ ଶୀତର ପ୍ରକୋପ ଓ ତଜ୍ଜନିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସହିତ ଲଢ଼େଇ କରିବାକୁ ପଡ଼ିଥାଏ । ଶୀତ କାରଣରୁ ବେଶୀ ସମୟ ଘର ଭିତରେ ରହିବା ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିକ ଧୀରେ ଧୀରେ ବଢ଼ିବାରେ ଲାଗେ । ବିଶେଷକରି ସଂକ୍ରମଣ ହେବାର ବେଶୀ ଆଶଙ୍କା ରହିଥାଏ । ସାଧାରଣତଃ ସର୍ଦ୍ଦି, ଥଣ୍ଡାର ପ୍ରାୟ ୨୦୦ ପ୍ରକାରର ଭୂତାଣୁ ସକ୍ରିୟ ହୋଇଯାନ୍ତି ଶୀତଦିନେ । ନାକ ଭିତରେ ଥିବା ସୂକ୍ଷ୍ମ ପରଦା ଶୁଷ୍କ ରହିବାରୁ ସହଜରେ ଭୂତାଣୁ ଦ୍ୱାରା ସଂକ୍ରମଣ ବ୍ୟାପିଥାଏ । ଥଣ୍ଡା ହେଲେ ପୁରା ଉପଶମ ପାଇଁ କୌଣସି ଔଷଧ ନାହିଁ, କିନ୍ତୁ ଏହାର ଲକ୍ଷଣ ଯଥା କାଶ, ଗଳାଫୁଲା, ନାକ ରୁନ୍ଧି ହୋଇଯିବା, ଛିଙ୍କ ଓ ଜ୍ୱରର ଚିକିତ୍ସା କରାଯାଇପାରେ । ଏଣୁ ଏଭଳି ସଂକ୍ରମଣରୁ କିଭଳି ରକ୍ଷା ପାଇବା ସେଥିପ୍ରତି ସତର୍କ ରହିବା ଜରୁରୀ । କାଶ ଓ ଛିଙ୍କ ଆସିଲେ ମୁହଁରେ ହାତ ରଖିବା ଉଚିତ । ଏହାଦ୍ୱାରା ପାଖରେ ଥିବା ଅନ୍ୟ କେହି ଥଣ୍ଡା ଦ୍ୱାରା ସଂକ୍ରମିତ ହେବେନାହିଁ । ପ୍ରତିଦିନ ସାବୁନରେ ହାତ ସଫା କରିବା ଦରକାର । ଥଣ୍ଡା ହେଲେ ଡିସ୍‌ପୋଜାଲ ମାସ୍କ କିମ୍ବା ଡିସ୍‌ପୋଜାଲ ପେପର ବ୍ୟବହାର କରିବା ଦରକାର । ସର୍ଦ୍ଦି ଓ ଥଣ୍ଡା, କାଶରୁ ରକ୍ଷା ପାଇବାକୁ ହେଲେ ଘରକୁ ସଫା ରଖିବା ସହ ଏକ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି । ଯେଉଁମାନଙ୍କର ଫୁସ୍‌ଫୁସ୍ ଜନିତ ସମସ୍ୟା ରହିଛି ସେମାନେ ଏ କ୍ଷେତ୍ରରେ ବେଶୀ ଯତ୍ନବାନ ହେବା ଜରୁରୀ । ମୁଖ୍ୟତଃ ଶିଶୁମାନଙ୍କ ଠାରେ ଥିବା ଶ୍ୱାସକ୍ରିୟାଜନିତ ସମସ୍ୟା ଟାଳିବାକୁ କେତୋଟି ଦିଗ ପ୍ରତି ନଜର ରଖିବାକୁ ପଡ଼ିବ । ସ୍କୁଲ, ଘରେ କିମ୍ବା ଗହଳି ଜାଗାରେ ସର୍ଦ୍ଦିରେ ପୀଡ଼ିତଙ୍କ ସଂସ୍ପର୍ଶରେ ନଆସିବା ଭଲ । ପିଲାମାନଙ୍କର ଯେଭଳି ପୌଷ୍ଟିକ ତତ୍ତ୍ୱର ଅଭାବ ନରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଶରୀରକୁ ଶୀତରୁ ରକ୍ଷା କରିବାକୁ ଶୀତପୋଷାକ ପିନ୍ଧାନ୍ତୁ । ତେବେ ଅତି ବେଶୀ ଶୀତ ପୋଷାକ ବ୍ୟବହାର କରିବା ଉଚିତ ନୁହେଁ । କାରଣ ଏହା ମଧ୍ୟ ସମସ୍ୟା ସୃଷ୍ଟି କରିବ । କେବେ ବି କନ୍‌ଭେନ୍‌ସନ ହିଟର ବ୍ୟବହାର କରିବେ ନାହିଁ । ଏହା ଘର ଭିତରର ବାୟୁକୁ ଶୁଷ୍କ କରିଦିଏ ।

ତ୍ୱଚା ସମସ୍ୟା : ଶୀତଦିନେ ତ୍ୱଚା ଶୁଷ୍କ ରହେ ଓ ଫାଟେ । ଏଣୁ ତ୍ୱଚାରେ ମଏଶ୍ଚରାଇଜର ଲଗାଇବା ଆବଶ୍ୟକ । ମହିଳା ଓ ଶିଶୁମାନଙ୍କ ଠାରେ ଚିଲ୍‌ବ୍ଲେନ୍‌ସ୍ ଦେଖାଯାଏ । ପାଦରେ କିମ୍ବା ଅଙ୍ଗୁଳିରେ ଲାଲ୍‌ଦାଗ ହୋଇ ଫୁଲିଯାଇ ଫୋଟକା ଭଳି ହୋଇଯାଏ । ବେଳେବେଳେ ଏହା ନାକ କାନରେ ମଧ୍ୟ ଦେଖାଦିଏ । ଏହା ଯେଉଁଠି ହୋଇଥାଏ ସେହି ଜାଗା ଭୀଷଣ କୁଣ୍ଡାଇ ହୋଇ ଯନ୍ତ୍ରଣା ବି ହୁଏ । ଏହା ଦୁଇରୁ ତିନି ସପ୍ତାହଯାଏ ରହେ । ଚିଲ୍‌ବ୍ଲେନ୍‌ସ ଥଣ୍ଡା ପ୍ରଭାବରୁ ତ୍ୱଚାକୁ ରକ୍ତପ୍ରବାହ ବାଧାପ୍ରାପ୍ତ ହୋଇ ସୃଷ୍ଟି ହୋଇଥାଏ । ଯେତେବେଳେ ତାପମାତ୍ରା କମ୍ ରହେ ସେତେବେଳେ ଭୀଷଣ ଥଣ୍ଡା ଯୋଗୁଁ ତ୍ୱଚା ତଳେ ଥିବା ବ୍ଲଡ଼ ଭେସଲସ୍ ସଂକୁଚିତ ହୋଇ ଏଭଳି ସମସ୍ୟା ସୃଷ୍ଟି ହୁଏ । ଏଣୁ ତ୍ୱଚା ଯଦି ତାପମାତ୍ରା ସଂସ୍ପର୍ଶରେ ଆସେ ତେବେ ତାହା ପୁଣି ହଠାତ୍ ଚଉଡା ହୋଇଯାଏ । ଏହି କ୍ରିୟା ଖୁବ୍ ଶୀଘ୍ର ଘଟିଥାଏ ଓ ସେତେବେଳେ ରକ୍ତ ପାଖାପାଖି ଟିସ୍ୟୁକୁ ଲିକ୍ କରିଯାଏ ଯାହାଫଳରେ ଚିଲ୍‌ବ୍ଲେନ୍‌ସ ହୋଇଥାଏ ।

ଗଣ୍ଠି ଯନ୍ତ୍ରଣା : ଶୀତଦିନେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ନିୟନ୍ତ୍ରଣ ରଖିବାକୁ ପେରିଫେରିଆଲ ଅଂଶକୁ ରକ୍ତ ପ୍ରବାହ କମ୍ ହୋଇଥାଏ । ଏହାଯୋଗୁ ଗଣ୍ଠି ଜାଗାଗୁଡ଼ିକ ବେଶୀ ନମନୀୟ ଓ ସଞ୍ଚାଳନ ଯୋଗ୍ୟ ହୋଇପାରେ ନାହିଁ ଏବଂ ବାୟୁମଣ୍ଡଳର ଚାପରେ ପରିବର୍ତ୍ତନ ହେତୁ ଗଣ୍ଠି ଫୁଲିଯାଏ ଓ ଯନ୍ତ୍ରଣା ହୋଇଥାଏ । ଶୀତରେ ସୂର୍ଯ୍ୟକିରଣ ଶରୀର କମ୍ ପାଉଥିବାରୁ ଭିଟାମିନ୍-ଡି ଅଭାବରେ ହାଡ଼ ଦୁର୍ବଳ ହୋଇ ଏହି ସମସ୍ୟାକୁ ଆହୁରି ଜଟିଳ କରିଦିଏ । ଏଣୁ ସୂର୍ଯ୍ୟାଲୋକ ପ୍ରତିଦିନ ଦରକାର ।

ପ୍ରତିରୋଧକ ଶକ୍ତି : ଶୀତରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ସୁଷମ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ପ୍ରତିରୋଧକ ଶକ୍ତି ଠିକ୍ ରହିଲେ ତାହା ଯେ କୌଣସି ସଂକ୍ରମଣକୁ ପ୍ରତିହତ କରିପାରିବ । ଏଣୁ ପ୍ରତିଦିନ ତୁଳସୀ ପତ୍ର ସେବନ କରିବା ଆବଶ୍ୟକ । ଏହାସହ ଖାଦ୍ୟରେ ଗୋଲମରିଚ ଓ ହଳଦୀ ବି ଖାଇବା ଦରକାର । ରସୁଣ ଓ ଚା'ର ବି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର କ୍ଷମତା ରହିଛି । ପ୍ରତିଦିନ ଶୀତଦିନର ଖାଦ୍ୟରେ ଏହି ଖାଦ୍ୟଗୁଡ଼ିକୁ ସାମିଲ କରନ୍ତୁ, ଅନେକଗୁଡ଼ିଏ ସମସ୍ୟା ଦୂର ହୋଇଯିବ ।

ପେଟ ଗୋଳମାଳ : ବର୍ଷା ଓ ଖରାଦିନ ଭଳି ଶୀତଦିନରେ ପେଟ ଗୋଳମାଳ ହେବା ବେଶୀ ଲକ୍ଷ୍ୟ କରାଯାଏନି । କିନ୍ତୁ ବିଭିନ୍ନ ପର୍ବ ଓ ଭୋଜିର ଆସର ଜମିଥାଏ ଯେଉଁଥିରେ ବେଶୀ ତେଲିଆ ଖାଦ୍ୟ ଖାଇବା ଦେଖାଯାଏ । ଦିନ ଛୋଟ ରହେ ଓ କମ୍ ସୂର୍ଯ୍ୟକିରଣ ମିଳେ । ଅନ୍ୟପକ୍ଷରେ ଶାରିରିକ ପରିଶ୍ରମ ବି କମ୍ ହୁଏ । ଯାହାଦ୍ୱାରା ଆମେ ଯେତିକି କ୍ୟାଲୋରୀ ନେଉ ତାହା ସେହି ଅନୁପାତରେ କ୍ଷୟ ହୁଏନାହିଁ । ଏଣୁ ଅଳସୁଆ ଲାଗେ ଓ ଓଜନ ବି ବୃଦ୍ଧି ହୋଇଥାଏ । ଆଲକୋହଲ ନେବା ବଢ଼ିଯାଏ ଶୀତଦିନରେ ଯାହା ସମସ୍ୟା ଆଣେ । ଶୀତରେ ଚା, କଫି ସାଙ୍ଗକୁ ଧୂମପାନ ଅଭ୍ୟାସ ବି ବଢ଼ିଯାଏ । ଏଭଳି ସ୍ଥିତିରେ ଛାତିପୋଡ଼ା, ବଦହଜମି ଓ କୋଷ୍ଠବଦ୍ଧତା ଦେଖାଦିଏ । ଏଣୁ ଗରିଷ୍ଠ ଖାଦ୍ୟଠୁ ଯେତେ ଦୂରେଇ ରହିବେ ସେତେ ଉପକାର ।

ଗଣ୍ଠି ଯନ୍ତ୍ରଣା କମ୍ କରନ୍ତୁ :

ଶୀତ ପୋଷାକ ଓ ହାତରେ ଗ୍ଲୋଭ୍‌ସ ପିନ୍ଧନ୍ତୁ । ଯେଉଁଠି ଗଣ୍ଠି ବେଶୀ ଫୁଲିଥିବ ସେଠି ଉଲ୍‌ର ଆଉ ଏକ କଭର ରଖନ୍ତୁ ।

ଘର ଭିତରେ ବ୍ୟାୟାମ କରନ୍ତୁ । ଏହାଦ୍ୱାରା ଶରୀର ସକ୍ରିୟ ରହିବ ଓ ବିନ୍ଧା କମ୍ ହେବ ।

ନଖ ଉଷୁମ ପାଣିରେ ଗାଧୋଇବା ହିତକର । ୱାର୍ମବାଥ ପରେ ହଠାତ୍ ବାହାରକୁ ଯିବା ଉଚିତ ନୁହେଁ ।

ଖରାରେ କିଛି ସମୟ ରୁହନ୍ତୁ ଯାହା ଭିଟାମିନ୍ ଡି ଯୋଗାଇଦେବ । ଯଦି ଏହା ସମ୍ଭବ ହୋଇପାରୁନାହିଁ ତେବେ ଭିଟାମିନ ଡି ସପ୍ଲିମେଣ୍ଟ ଖାଆନ୍ତୁ । ଯଦିଓ ଏହାର କୌଣସି ହର୍ବାଲ ସପ୍ଲିମେଣ୍ଟ ନାହିଁ ତଥାପି ଯନ୍ତ୍ରଣା କମାଇବାକୁ ଗ୍ଲୁକୋସମାଇନ ଏବଂ କୋଣ୍ଡ୍ରାଇଟିନ୍ ସପ୍ଲିମେଣ୍ଟ ସେବନ କରିବା କିଛି କ୍ଷତିକାରକ ନୁହେଁ ।

ପାଗ ଯେତେବେଳେ ପୁରା ଥଣ୍ଡା ଥାଏ ସେତେବେଳେ କେବେ ବି ବାହାରକୁ ବାହାରନ୍ତୁ ନାହିଁ । ଥଣ୍ଡା ଜାଗାରେ ଖାଲି ପାଦରେ ବି ଚାଲନ୍ତୁ ନାହିଁ । ଯଦି ବାହାରକୁ ଯିବା ନିହାତି ଦରକାର ତେବେ ଜୋତା ପିନ୍ଧନ୍ତୁ ଓ ଶୀତରୁ ଶରୀରକୁ ରକ୍ଷା କରିପାରୁଥିବା ଭଲ ପୋଷାକ ବ୍ୟବହାର କରନ୍ତୁ ।

ଓମେଗା-୩ଫ୍ୟାଟି ଏସିଡ଼୍ ଫୁଲା କମାଇବାରେ ସହାୟକ ହୋଇଥାଏ । ଦିନକୁ ୨ରୁ ୩ଗ୍ରାମ ଆବଶ୍ୟକ । ଏହା ନେବା ଆଗରୁ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ନ୍ତୁ । କାରଣ ଏହା ବ୍ଲିଡ଼ିଂ ଭଳି ସମସ୍ୟା ସୃଷ୍ଟି କରିଥାଏ ।

ଲାଇଫ୍‌ଷ୍ଟାଇଲ ପରିବର୍ତ୍ତନ ଯଦି ନକରିପାରୁଛନ୍ତି ତେବେ ନନ୍ ଷ୍ଟିରଏଡ଼୍ ଆଣ୍ଟିଇନ୍‌ଫ୍ଲାମାଟୋରୀ ଡ୍ରଗ୍ସ ସେବନ କରିପାରିବେ ।

ଶୀତରେ ମସାଜ ମାଂସପେଶୀକୁ ସକ୍ରିୟ ରଖିବା ସହ ଗଣ୍ଠି ଯନ୍ତ୍ରଣା ହ୍ରାସ କରିଥାଏ । ଆକ୍ୟୁପଙ୍କଚର ମଧ୍ୟ ଅନେକ ଲାଭ ପହଞ୍ଚାଇଥାଏ ।

ନଖ ଉଷୁମ ପାଣିରେ ଗାଧାନ୍ତୁ । ଏହାପରେ ଶରୀରରେ ତେଲ ମାଲିସ୍ କରନ୍ତୁ । ପୁରା ଶୁଷ୍କ ସ୍କିନ ଲୋସନ କିମ୍ବା ମଶ୍ଚରାଇଜର ବ୍ୟବହାର କରିବା ଉଚିତ ।

ମୁହଁରେ ଫେସ୍ ଲୋସନ ଲଗାନ୍ତୁ । ଉଷୁମ ପାଣିରେ କେବେ ବି ମୁହଁ ଧୁଅନ୍ତୁ ନାହିଁ ।

ହାତ ଓ ପାଦର ସୁରକ୍ଷା ପାଇଁ ଚିଲ୍‌ବ୍ଲେନ୍‌ସରୁ ମୁକ୍ତ ହେବାକୁ ପଡ଼ିବ । ଏଥିପାଇଁ ଏକ ଲିଟର ଉଷୁମ ପାଣିରେ ଏକ ଚାମଚ ଲୁଣ ମିଶାଇ ହାତ ଓ ପାଦ ୫-୧୦ ମିନିଟ୍ ଯାଏ ବୁଡ଼ାଇ ରଖନ୍ତୁ । ଏହାପରେ ଟାୱେଲରେ ଭଲ କରି ପୋଛି ସେଥିରେ ମଏଶ୍ଚରାଇଜର କ୍ରିମ ଲଗାନ୍ତୁ ।

ମୁଣ୍ଡରେ ରୁପି ହେଉଥିଲେ କିମ୍ବା ଶୁଷ୍କ ତ୍ୱଚା ଛାଡୁଥିଲେ ନଡ଼ିଆ, ଅଲିଭ ନଚେତ ଆଲମଣ୍ଡ ତେଲ ମୁଣ୍ଡର ତ୍ୱଚାରେ ଭଲ ଭାବେ ମାଲିସ୍ କରିବା ପରେ ଉଷୁମ ପାଣିରେ ସଫା କରନ୍ତୁ ।

ଓଠକୁ ଶୁଷ୍କ ନରଖିବା ପାଇଁ ମେଟାଲିକ୍ ଲିପଷ୍ଟିକ୍ ବ୍ୟବହାର ଛାଡ଼ନ୍ତୁ । ଲିପ୍ ଗ୍ଲସ ବ୍ୟବହାର କରିବା ମଧ୍ୟ ଭଲ । ଏହାଦ୍ୱାରା ଓଠ ସୁନ୍ଦର ଓ ସତେଜ ଦିଶେ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ସଂସଦରେ ହଟ୍ଟଗୋଳ: ଉତ୍ତରଦାୟୀ ହେବା ଆବଶ୍ୟକ



ଗୋପାଳ ମହାପାତ୍ର

ଲୋକସଭା ହେଉ ବା ରାଜ୍ୟସଭା ଅଥବା ରାଜ୍ୟମାନଙ୍କର ବିଧାନସଭାର ଅଧିବେଶନରେ ସାଧାରଣ ଜନତା ଏବଂ ଦେଶ ରାଜ୍ୟର ବିକାଶ ବାବଦରେ ଆଲୋଚନା ହେବା କଥା । କିଂନ୍ତୁ ସଂସଦ ଏବଂ ବିଧାନସଭାର କୌଣସି ବି ଅଧିବେଶନ ବିନା ହଟ୍ଟଗୋଳରେ ଚାଲୁନାହିଁ । ସଂସଦ ଓ ବିଧାନସଭାର ଅଧିବେଶନରେ ହୋ ହାଲ୍ଲା ହଟ୍ଟଗୋଳ ଏବେ ଏକ ଦୁଷ୍ପ୍ରଭାବି ପରମ୍ପରାରେ ପରିଣତ ହୋଇଗଲାଣି । ଏହି ଅବସ୍ଥାର ପରିବର୍ତ୍ତନ ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଯେଉଁ ସଦନରୁ ଲୋକଙ୍କୁ କିଛି ମିଳିବା କଥା ତାହା ହଟ୍ଟଗୋଳ କାରଣରୁ ମିଳି ପାରୁନାହିଁ । ହୋହାଲ୍ଲା ହଟ୍ଟଗୋଳ କାରଣରୁ କାହାରି କିଛି ଲାଭ ହେଉନାହିଁ ବରଂ କ୍ଷତି ହେଉଛି । ବିଡ଼ମ୍ବନା ଯେ ହଟ୍ଟଗୋଳ କୁ ନିଜର ବିଜୟ ଭଳି ପ୍ରସ୍ତୁତ କରଯାଉଛି । ଲୋକସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ଅଧିବେଶନ ବେଳେ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିବା ଏକ ରାଜନୈତିକ ସ୍ୱଭାବ ପାଲଟିଗଲାଣି । ଯେତେବେଳେ ଯେଉଁ ଦଳ ବିପକ୍ଷରେ ରହୁଛି ସିଏ ହୋ ହାଲ୍ଲା କରିବା ପାଇଁ ପସନ୍ଦ କରୁଛି । କଂଗ୍ରେସ ସରକାରରେ ଥିବା ବେଳେ ବିଜେପି ସମେତ ଅନ୍ୟ ବିରୋଧି ଦଳମାନେ ହୋ ହାଲ୍ଲା କରୁଥିଲେ ଓ ଏବେ ବିଜେପି ସରକାରରେ ଥିବା ବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ହୋହାଲ୍ଲା କରୁଛନ୍ତି । ଏହି ହୋହାଲ୍ଲା ପାଇଁ ସରକାରୀ ଦଳ ଓ ବିରୋଧି ଦଳଙ୍କୁ ଉତ୍ତରଦାୟୀ କରାଯିବା ଦରକାର । କାରଣ ଅଧିବେଶନ ଓ ଅଧିବେଶନରେ ଭାଗ ନେଉଥିବା ଜନପ୍ରତିନିଧି ମାନଙ୍କ ଖର୍ଚ୍ଚ ବାବଦ ଅର୍ଥ ଦେଶର ଟିକସଦାତାଙ୍କ ପକେଟରୁ ହିଁ ଯାଇଥାଏ ।

ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ (ବିରୋଧିଦଳ) ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି । ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧିଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି । ସାଧାରଣତଃ ବିରୋଧି ଦଳ ମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି । ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୂର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଏବେର ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତଙ୍କୁ ଜଣାଥିଲା ଯେ ମଣିପୁର ଏବଂ ଆଦାନୀ ପ୍ରସଙ୍ଗ ସହ ସମ୍ଭଲ ପ୍ରସଙ୍ଗ ମଧ୍ୟ ବିରୋଧିଙ୍କ କାର୍ଯ୍ୟସୂଚୀରେ ଆସିବ । ଏ ପ୍ରସଙ୍ଗ ମଧ୍ୟ ବିରୋଧିଦଳର କାର୍ଯ୍ୟସୂଚୀରେ ରହିବା ଉଚିତ୍, କିଂନ୍ତୁ ଏଥିପାଇଁ କ'ଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ପ୍ରସଙ୍ଗକୁ ଚୟନ କରାଯିବ ନାହିଁ କି ? ସରକାର କ'ଣ ଏସବୁ ପ୍ରସଙ୍ଗର ଉତ୍ତର ଦେବେ ନାହିଁ ? ଦେଶରେ ବେରୋଜଗାରୀ, ଦରଦାମବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ସହରୀକରଣ ସମେତ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବ୍ୟାପକ ବିଚାର ବିମର୍ଷ ହେବା ଆବଶ୍ୟକ । କିଂନ୍ତୁ ବିରୋଧିଦଳ ଏସବୁ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ପାଇଁ ଗୁରୁତ୍ୱ ଦେଉ ନାହାଁନ୍ତି କାହିଁକି ସେ କଥା ଜଣାପଡୁନାହିଁ । ବିରୋଧି ହଟ୍ଟଗୋଳ କରି ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରାଉଛନ୍ତି ହେଲେ ଏମିତି କରି ଲୋକଙ୍କ ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ କେତେ ସକ୍ଷମ ହେଉଛନ୍ତି ସେକଥା ସମୟ ହିଁ କହିବ । ସବୁ ରାଜନୈତିକ ଦଳ ଏବଂ ଜନପ୍ରତିନିଧି ଜାଣନ୍ତି ଯେ ଜନତା ହୋହାଲ୍ଲା ନୁହେଁ ରାଷ୍ଟ୍ରୀୟ ମହତ୍ୱ ଥିବା ପ୍ରସଙ୍ଗରେ ସରକାରଙ୍କ ଉତ୍ତର ଚାହାଁନ୍ତି । ସଂସଦରେ ହୋହାଲ୍ଲା କରୁଥିବା ବିରୋଧି ଏ ବାବଦରେ ବିଚାର କରିବା ଆବଶ୍ୟକ । ଶାସକ ଦଳ ମଧ୍ୟ ସଂସଦ କେମିତି ଠିକ୍ ଭାବରେ ଚାଲିବ ସେକଥା ଦେଖିବା ଉଚିତ । ଏଥିପାଇଁ ବିରୋଧି ଦଳ କେମିତି ସରକାରଙ୍କ ଉପରେ ଭରଷା କରିପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେମିତି ଆଲୋଚନା ହୋଇପାରିବ ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ । ଶାସକ ଓ ବିରୋଧିଙ୍କ ମଧ୍ୟରେ କଟୁତା ଦୁର ହେବା ଉଚିତ ଓ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଶାସକ ଓ ବିରୋଧି ଓ ଉଭୟେ ଉଭୟଙ୍କୁ ଆଦର ସମ୍ମାନ କରିବେ । ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହ ହୋହାଲ୍ଲା ଯୋଗୁଁ ବାଧିତ ହୋଇଛି । ଏମିତି ହେବ ବୋଲି ମଧ୍ୟ ଆଗରୁ ଜଣାଥିଲା କାରଣ କଂଗ୍ରେସ ଏବଂ କିଛି ଅନ୍ୟଦଳ ମାନେ ଆଦାନୀ ପ୍ରକରଣ, ମଣିପୁରହିଂସା ସମେତ ଅନ୍ୟ କେତେକ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହିସାରିଥିଲେ । ଏଥିରେ ସମ୍ଭଲରେ ଘଟିଥିବା ହିଂସାକାଣ୍ଡ ପ୍ରସଙ୍ଗ ମଧ୍ୟ ଯୋଡି ହୋଇଗଲା । ଆଦାନୀ ପ୍ରସଙ୍ଗ କିଛି ଦିନ ପୁର୍ବରୁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ଥିଲା । ଏହା ହୁଏତ ଦୁର୍ଭାଗ୍ୟ ହୋଇପାରେ ଯେ ଅଧିବେଶନ ପୁର୍ବରୁ ଏଭଳି ସମ୍ବେଦନଶୀଳ ମାମଲା ସାମନାକୁ ଆସିଯାଉଛି । ଅତୀତରେ ପେଗାସେସ ଗୁଇନ୍ଦା କାଣ୍ଡ ଏବଂ ଆଦାନୀ ଗୃପ୍ ବାବଦରେ ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟ ସଂସଦ ଅଧିବେଶନ ପୁର୍ବରୁ ଆସିଥିଲା ।

କଂଗ୍ରେସ ଏବଂ ଅନ୍ୟ ବିରୋଧି ଦଳମାନେ ଅଚାନକ ଆସୁଥିବା ଏ ଭଳି ପ୍ରସଙ୍ଗକୁ ହାତଛଡା କରିବେ ବା କରିଥାନ୍ତେ କେମିତି ? କିନ୍ତୁ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନରୁ ଜନତା ଏବଂ ଦେଶକୁ କ'ଣ ମିଳିଲା ତାର ଉତ୍ତର ଶାସକ ଦଳ ବା ବିରୋଧି କେହି ଦେଇ ପାରିବେ ନାହିଁ । ସଂସଦରରେ ଲୋକଙ୍କ ସମସ୍ୟା ଉତ୍‌ଥାପନ କରାଯାଉନାହିଁ କାହିଁକି ? ଏକଥା ନୁହେଁ ଯେ ବିରୋଧିଦଳ ପକ୍ଷରୁ ଜନଜୀବନ ସହ ଜଡିତ ପ୍ରସଙ୍ଗ ଉଠାଇବା ପାଇଁ ପ୍ରୟାସ କରାଯାଉ ନାହିଁ । କିଂନ୍ତୁ ଦୁର୍ଭାଗ୍ୟର କଥା ହେଉଛି ମୋଦୀ ସରକାର ବିପକ୍ଷ ମୁକ୍ତ ସଂସଦ ଚାହୁଁଛନ୍ତି ଯେଉଁଥିପାଇଁ ବିରୋଧି ମାନେ ଏପରି କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମାନଙ୍କ ମତ । ସଂସଦର ଗୋଟିଏ ଦିନର ଅଧିବେଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ସେବାବଦରେ ସମସ୍ତେ ଜାଣିବା ଉଚିତ୍ । ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନେତା ମାନେ ସଂସଦରେ ହଟ୍ଟଗୋଳ କରି ଦେଶର ଅର୍ଥ ଅର୍ଥ ବ୍ୟବସ୍ଥାକୁ ଦୁରୁସ୍ତ କରୁଛନ୍ତି ବୋଲି ମଧ୍ୟ କୁହାଯାଇ ପାରିବ । ସଂସଦରେ ହଟ୍ଟଗୋଳ କାରଣରୁ ସଂସଦ ଚାଲିନପାରିବାରୁ ଅଧିବେଶନର ପ୍ରତି ମିନିଟ ପାଇଁ ବ୍ୟୟ ହେଉଥିବା ଅଢ଼େଇ ଲକ୍ଷ ଟଙ୍କା ନଷ୍ଟ ହେଉଛି । ଅର୍ଥାତ୍ ସଂସଦର ଅଧିବେଶନ ବେଳେ ପ୍ରତିମିନିଟ ପାଇଁ ଅଢେଇଲକ୍ଷ ଟଙ୍କା ବ୍ୟୟ ହୋଇଥାଏ ଓ ଏହି ବ୍ୟୟ ବାବଦ ଅର୍ଥ ହେଉଛି ଦେଶର ଟିକସଦାତା/ ଜନତାଙ୍କ ଅର୍ଥ । ଏଣୁ ସଂସଦ ନଚାଲିବାରୁ ପ୍ରତିମିନିଟରେ ଲୋକଙ୍କର ଅଢେଇଲକ୍ଷଟଙ୍କା ବରବାଦ ହେଉଛି ଅର୍ଥାତ୍ ପ୍ରତି ଘଣ୍ଟାରେ ଦେଢ଼ କୋଟି ଖର୍ଚ୍ଚ ହୋଇ ଯାଉଛି କିନ୍ତୁ ଫଳ ଶୁନ୍ । ଏଣୁ ଶାସକ ଓ ବିରୋଧି ନିଜର ଉତ୍ତରଦାୟୀତ୍ୱ ସ୍ଥିର କରିବା ଆବଶ୍ୟକତା ରହିଛି ଲୋକ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି ଏଣୁ ସାବଧାନ ହେବା ଉଚିତ୍ ।

*ରାମଚନ୍ଦ୍ରପୁର, ରଣପୁର*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨, ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯, ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ଚିତରଞ୍ଜନ ବାରିକ, ନିରଞ୍ଜନ ପଣ୍ଡା, ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା, (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ, (ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା, (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟ୍‌ରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା, (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇଓ୍ୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




## ପୌରପାଳିକାର ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲା ନଗର ବିଜେପି

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୌର ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଏବଂ ସ୍ଥାଣୁତା ସମ୍ପର୍କରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି କାଉନସିଲର ଓ ନଗରର ବିଜେପିର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନ୍ୟବର ଜିଲ୍ଲାପାଳ ମହୋଦୟଙ୍କୁ ଭେଟିଛନ୍ତି। ଏହି ଅବସରରେ ସମସ୍ତେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ପୌର ପରିଷଦ ଏକ ପୁରୁଣା ତଥା ୧୪୬ ବର୍ଷର ହୋଇଥିଲେ ମଧ ବିଭିନ୍ନ ସମସ୍ୟାବହୁଳ ମଧରେ ଗତି କରୁଛି। ବାଲେଶ୍ୱର ପୌର ପରିଷଦରେ ବିଗତ ଚାରି ବର୍ଷରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବାରୁ ସହରା+ଳ ଅଧିବାସୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌର ପରିଷଦରେ ଲେବର ସଂଖ୍ୟାକୁ ବୃଦ୍ଧି କରି ନୂଆ ସାନିଟେସନ ଟେଣ୍ଡର ଆହ୍ୱାନ କରିବା ପାଇଁ ରିଜୋଲ୍ୟୁସନ ପାସ କରିଥିବା ବେଳେ ଏହାକୁ ଅବଜ୍ଞା କରି ଏହାର ଠିକାଦାରର ସମୟସୀମା ବୃଦ୍ଧି କରିବା ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସହରରେ ଲାଗିଥିବା ଷ୍ଟ୍ରିଟ ଲାଇଟର ଯୋଗାଣ ଏବଂ ରକ୍ଷଣାବେକ୍ଷଣ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। କିନ୍ତୁ ସେ ସଂସ୍ଥା ନା ଖରାପ ହୋଇଥିବା ଜାଗାରେ ନୂଆ ଲାଇଟ ଲଗାଇଉଛି ନା ରକ୍ଷଣାବେକ୍ଷଣ କରୁଛି, ଯାହାଫଳରେ ସହରର ବିଭିନ୍ନ ଗଳିକନ୍ଦି ଅନ୍ଧାର ହୋଇରହୁଛି। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତେଇ ଲକ୍ଷ ଲକ୍ଷ ଟଙ୍କାର ବିଲ ନେଉଛନ୍ତି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ (ଜଳଯୋଗାଣ ସଂସ୍ଥା) ମ୍ୟୁନିସିପାଲିଟି ଗ୍ରାଣ୍ଟରୁ ଅନ୍ୟୁନ ୧୦ କୋଟି ଟଙ୍କା ନେଇଥିବା ସ୍ଥଳେ ସହରର ପ୍ରତ୍ୟେକ ୱାର୍ଡରେ ଉତ୍କଟ ଜଳାଭାବ ସହିତ ଗୋଳିଆ ପାଣି ଜନଜୀବନକୁ ବିପର୍ଯ୍ୟସ୍ତ କରିବା ସଙ୍ଗେସଙ୍ଗେ ଦାୟିତ୍ୱହୀନ ଏବଂ ଅପାରଗତାକୁ ପ୍ରମାଣ କରୁଛି। ତେଣୁ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ସହିତ ୩ ଦିନ ମଧରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଅବସ୍ଥାପନ ନକଲେ ବାଲେଶ୍ୱର ନଗର ବିଜେପି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧରେ କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ସୁଚିସ୍ମିତା ପଣ୍ଡା, ଗୌରୀ ଦାଶ, ଭାରତୀ ପାତ୍ର, ନିରୁପମା ଦାଶ ଏବଂ ପ୍ରତିମା ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜୟପ୍ରକାଶ ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଜୀବନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ମହୀଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ; ନର୍ସ ସଂକ୍ରମିତ



ଫୁଲନଖରା (ପିଏନ୍)-ବର୍ଷାଋତୁରେ ଡେଙ୍ଗୁ ସମେତ ଅନ୍ୟାନ୍ୟ ଜଳବାହିତ ରୋଗର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତିଷେଧମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ନିରାକରଣ ସକାଶେ ବ୍ୟାପକଭାବେ ପ୍ରଚାର ପ୍ରସାର ସହିତ ଲୋକମାନଙ୍କୁ ସଚେତନ ମଧ୍ୟ କରାଯାଉଛି। କିଂ ଏହି ରୋଗକୁ ନିୟନ୍ତ୍ରଣ କରିବାରେ ବିଭାଗ ବସ୍ତୁତଃ ବିଫଳ ହୋଇଥିବା ଲକ୍ଷ୍ୟ କରାଯାଉଛି। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ପରିଚାରିକା (ନର୍ସ) ଡେଙ୍ଗୁ ରୋଗରେ ଆକ୍ରା' ହେବାରୁ ବିଭାଗର ବିଫଳତା ଏବେ ପଦାରେ ପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନଥିବା ଏବଂ ବିଶୋଧକ ଆଦି ସିଞ୍ଚନ କରାଯାଉନଥିବା ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ଓ ନିୟନ୍ତ୍ରଣ ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଆନୁସଙ୍ଗୀକ ବ୍ୟବସ୍ଥା ଯୋଗାଇଦେବା ସହିତ ଏହାର ସଦୁପଯୋଗ ନିମ' ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ କେବଳ ଘନଘନ ବୈଠକରେ ଡେଙ୍ଗୁ ନିରାକରଣ ଅଭିଯାନ ସୀମିତ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକା ମହିଳା କର୍ମଚାରୀଙ୍କୁ ଏହି ରୋଗ ସଂକ୍ରମଣ ହୋଇଥିବାବେଳେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସଚେତନତା କିପରି ହେଉଥିବ ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ୧୪ ନମ୍ବର ୱାର୍ଡରେ ମୋ ୱାର୍ଡ ବୈଠକ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ମହାନଗର ନିଗମର ଉତ୍ତର ମଣ୍ଡଳ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ନୀଳାଦ୍ରିବିହାର କାର୍ଯ୍ୟାଳୟଠାରେ ମୋ ୱାର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ମୋନାଲିସା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ କହିଥିଲେ ଆମ ଘରକୁ ଯେପରି ଆମ୍ଭେମାନେ ସଫା ସୁତରା ରଖୁଛେ, ଘର ସମ୍ମୁଖରେ ଅଳିଆ ପଡିଲେ ଯେମିତି ଝାଡୁ ମାରି ଦେଉଛେ, ଠିକ୍ ସେହିପରି ଆମେ ଯଦି ସତର୍କ ରହିବା, ତାହାହେଲେ ରାସ୍ତାଘାଟ ଅଳିଆ ହେବ ନାହିଁ। ଘରେ ଦୁଇଟି ଡଷ୍ଟବିନ୍ ରଖିବା, ଗୋଟିଏରେ ଶୁଖିଲା ଓ ଅନ୍ୟଟିରେ ଓଦା ପଦାର୍ଥ ରଖି ବିଏମସି ଗାଡିକୁ ଦେବା, ତାହାହେଲେ ଅଳିଆ ସମସ୍ୟାର ସମାଧାନ ହୋଇଯିବ। ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରର ଉନ୍ନତି ଘଟିବ। ସମ୍ମାନିତ ଅତିଥି ଭାବେ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ପୁରନ୍ଦର ନନ୍ଦ ପ୍ରମୁଖ ଯୋଗଦେଇ ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡର ବହୁ ଲୋକ ଉପସ୍ଥିତ ଥିଲେ।

## ପରମାନନ୍ଦ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଖୋର୍ଦ୍ଧା,(ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ କଲେଜର ସମ୍ମିଳନୀ କକ୍ଷରେ ଶାକୁନ୍ତଳେ ନାଟ୍ୟକଳା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭାଗୀୟ ମୁଖ୍ୟା ଡଃ ଗୀତାଞ୍ଜଳୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତୋକତର ସଂସ୍କୃତ ବିଭାଗର ଆସୋସିଏଟ ପ୍ରଫେସର ଡଃ ବ୍ରଜସୁନ୍ଦର ମିଶ୍ର ମୁଖ୍ୟବକ୍ତା, ପିପିଲି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ସୁନନ୍ଦା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାବ୍ୟ କାଳିଦାସଙ୍କ ରଚିତ ଅଭିଜ୍ଞାନ ଶାକୁନ୍ତଳମ ଶ୍ରେଷ୍ଠତମ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତଃ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦିବଂଗତଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀ ଗାୟତ୍ରୀ ବରାଡ ଓ ସାଥିମାନେ ସ୍ତୋତ୍ର ପାଠ କରିଥିବା ସହ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡଃ ଅନୁସୂୟା ପୃଷ୍ଟି ଆଲୋଚନା ଚକ୍ରରେ ନିର୍ଯ୍ୟାସ ପାଠ କରିଥିବା ବେଳେ ଛାତ୍ରୀ ସନ୍ଧ୍ୟାରାଣୀ ସୁବୁଦ୍ଧି ଓ ଲକ୍ଷ୍ମୀପ୍ରିୟା ବେହେରା ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଜ୍ୟୋତିଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ମହାପାତ୍ର, ଜୟନ୍ତ କୁମାର ବିଶ୍ୱାଳ ଓ କର୍ମୋଦୟ ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଯୌତୁକଜନିତ ଟଙ୍କା ନ ପାଇବାରୁ ପତ୍ନୀକୁ ମାଡ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର କୈଳାସ ଚନ୍ଦ୍ର ନାୟକଙ୍କ ଝିଅ ରଶ୍ମିତା ୨୦୦୯ ମସିହାରେ ବାରବାଟି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ପବିତ୍ରଙ୍କ ସହ ବୈଦିକ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପବିତ୍ରର ଦୁଇଟି ଝିଅ ଜନ୍ମ ହୋଇଥିଲେ ମଧ୍ୟ ୫ ବର୍ଷ ହେବ କୌଣସି କାମଧନ୍ଦା ନ କରି ଘରର ଆସବାବପତ୍ର ବିକ୍ରୀ କରିବା ସହ ଶ୍ୱଶୁର ଘରର ୨ ମାଣ ଜମି ବିକ୍ରୀ କରି ଦେଇଛନ୍ତି। ଏହାସହିତ ନିଜ ପତ୍ନୀ ରଶ୍ମିତାକୁ ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦେଇ ଯୌତୁକ ଟଙ୍କା ଆଣିବାକୁ ଦାବୀ କରି ଆସୁଥିଲେ। ଏଥିରେ ରଶ୍ମିତାକୁ ଅସହ୍ୟ ହେବାରୁ ୨ ମାସ ପୂର୍ବରୁ ନିଜ ବାପ ଘରେ ରହିଥିବା ବେଳେ ବୁଝାସୁଝା କରି ନେଇ ଯାଇଥିଲେ। ଗତ ୨୯ ତାରିଖ ଦିନ ରାତିରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଆସି ଗୋଇଠା ମାରି ମୁହଁକୁ ମାଡ ମାରିବା ସହ ରଡରେ ଗୁପ୍ତାଙ୍ଗରେ ଭର୍ତି କରି କିରୋସିନି ଆଣିବାକୁ ଯାଇଥିବା ସମୟରେ ସେମାନଙ୍କ ଠାରୁ ଖସିଯାଇ ନିଜକୁ ଆତ୍ମଗୋପନ କରି ବାପାଙ୍କ ନିକଟକୁ ଫୋନ ଯୋଗେ ଜଣାଇଥିଲା। ଏ ନେଇ ଅଭିଯୋଗକାରିଣୀ ରଶ୍ମିତା ସାହୁ ଚିକିତ୍ସିତ ହୋଇ ଦାବୀ ମୁତାବକ ଅର୍ଥ ଦେଇ ନପାରିବାରୁ ଏଭଳି ଅଘଟଣ ଘଟିଛି ବୋଲି ପୋଲିସ ନିକଟରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ତହସିଲ ପକ୍ଷରୁ ୩ ଗାଡି ଜବତ ଘଟଣା, ଗାଡି ମାଲିକ ଓ ଡ୍ରାଇଭର ସମେତ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ କରୁଥିବା ଏକ ଜେସିବି ମେସିନ ସହ ଏକ ହାଇୱା ଓ ଏକ ବାଲି ଟ୍ରାକ୍ଟରକୁ ତହସିଲଦାର ଜବତ ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ଖବର ପାଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ରାଜସ୍ୱ ନିରିକ୍ଷକ ଚନ୍ଦନ ସାହୁ ସେଠାରେ ଚଢାଉ କରି ଏକ ଜେସିବି ମେସିନ ସହ ଏକ ହାଇୱା ଗାଡିକୁ ଜବତ କରିଥିଲେ। ଏହି ସମୟରେ ସେହି ରାସ୍ତାଦେଇ ଯାଉଥିବା ଏକ ବାଲି ଟ୍ରାକ୍ଟରକୁ ଜବତ କରିଥିଲେ। ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ ୨୫୫/୨୨ ଓ ୨୫୬/୨୨ରେ ଦୁଇଗୋଟି କେଶ ରୁଜୁ କରି ଗାଡିର ମାଲିକ ଓ ଡ୍ରାଇଭର ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଗ୍ରାମର ମଦନ ସେନାପତି (୪୮), ରଂଜନ ସେନାପତି (୫୮), ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ପିଂଟୁ ରାଉତ (୨୩), ଏହି ଥାନା ରାଇଛନ୍ଦା ଗ୍ରାମର ବିଶ୍ୱନାଥ ମହ୍ଲ ଓ ରାମପୁର କାଇଥାର ଗଣେଶ୍ୱର ରାଉତ । ଗିରଫ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଏକାମ୍ର ସଂରକ୍ଷଣ ଯୋଜନା ଆରମ୍ଭ ପାଇଁ ମୋଦିଙ୍କୁ ଧନ୍ୟବାଦ

ଭୁବନେଶ୍ୱର (ପିଏନ୍): ଏକାମ୍ର ସଂରକ୍ଷଣ ଯୋଜନାକୁ ଜାତୀୟ କୀର୍ତିରାଜୀ କର୍ତୃପକ୍ଷ (ଏନ୍‌ଏମ୍‌ଏ) ଅନୁମତି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ବିଜେପି ନେତା ଅମୀୟ ଦାଶ। ଶ୍ରୀ ଦାଶ କହିଛନ୍ତି ଯେ ଅଧାରୁ ଅଟକିଥିବା ଶ୍ରୀଲିଙ୍ଗରାଜ ଏଂଟ୍ରି ପ୍ଲାଜା ପ୍ରକଳ୍ପ ହେବା ଦ୍ୱାରା ଏକାମ୍ର କ୍ଷେତ୍ରର ବିକାଶ ହେବ। ତେବେ ଜମି ହରାଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଉଠା-ଦୋକାନୀଙ୍କୁ ଥଇଥାନ କରିବା ଓ ପ୍ରକଳ୍ପକୁ ତୁରନ୍ତ ସାରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ଲଗାମହୀନ ଦରବୃଦ୍ଧି, ଅସହ୍ୟ ବେକାରୀ ଧାନ କ୍ୱିଣ୍ଟାଲ ୩୦୦୦ ଟଙ୍କା ଦାବୀ କରି ସିପିଆଇ (ଏମ୍)ର ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ଓଡିଶାର ଯୁବକମାନେ ରାଜ୍ୟରେ ନିଯୁକ୍ତି ଓ ଉପଯୁକ୍ତ ମଜୁରୀ ଅଭାବରୁ ଲକ୍ଷ ଲକ୍ଷ ସଂଖ୍ୟାରେ ରାଜ୍ୟ ବାହାରକୁ କାମ ପାଇଁ ଚାଲି ଯାଉଛନ୍ତି । ଏଣେ କେନ୍ଦ୍ର ସରକାରଙ୍କ ଧନୀ ପୁଞ୍ଜିପତି ସପକ୍ଷବାଦୀ ଆର୍ଥିକ ନୀତି ଯୋଗୁଁ ଦରଦାମ ହୁ ହୁ ହୋଇ ବଢି ଚାଲିଛି । କେନ୍ଦ୍ର ସରକାର ଦେଶର ଅତି ଉଚ୍ଚ ଧନୀ ପରିବାରଗୁଡିକୁ ୧୦ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ଛାଡ ଓ ଟିକସ ରିହାତି ଦେଲାବେଳେ ସାଧାରଣ ଲୋକଙ୍କ ବ୍ୟବହାର୍ଯ୍ୟ ଚୁଡା, ଗୁଡ, ମୁଢି ଉପରେ ଶତକଡା ୫ ଭାଗ ଜି.ଏସ୍.ଟି. ଲାଗୁ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଲଗାମହୀନ ଦରବୃଦ୍ଧି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ଡିଜେଲ, ପେଟ୍ରୋଲ ଦର ୧୦୦ଟଙ୍କା ତଳକୁ ଖସୁନାହିଁ, ରନ୍ଧନ ଗ୍ୟାସ ସିଲିଣ୍ଡର ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ, ଏହା ବିରୋଧରେ ଦେଶବ୍ୟାପି ସି.ପି.ଆଇ.(ଏମ୍) ଆନ୍ଦୋଳନ ଓ ଅଭିଯାନ ପାଇଁ ଆହ୍ୱାନ କରିଛି । ଓଡିଶାରେ ଦଳ ପକ୍ଷରୁ ଚଳିତ ମାସ ୨୮ ତାରିଖ ଦିନ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ନିମନ୍ତେ ଦଳ ପକ୍ଷରୁ ଡାକରା ଦିଆଯାଇଛି । ଏ ସଂକ୍ରାନ୍ତରେ ଏଠାରେ ସି.ପି.ଆଇ(ଏମ୍)ଓଡିଶା ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଚାର ଅଭିଯାନ ଓ ସମାବେଶକୁ ସଫଳ କରିବାକୁ ନିବେଦନ କରିଛନ୍ତି ।

ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କେନ୍ଦ୍ର ସରକାର ସ୍ୱାଧୀନତାର ୭୫ ବର୍ଷ ପୁରଣକୁ ଆଜାଦୀକା ମହୋତ୍ସବ ରୂପେ ପାଳନ କରୁଥିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ, ମାନବିକ ଅଧିକାର ହରଣ, ଘୋଷିତ ଧର୍ମନିରପେକ୍ଷତାକୁ ଧ୍ୱଂସ କରି ସାଂପ୍ରଦାୟିକ ଭେଦଭାବର ବିଷ ମଞ୍ଜି ବୁଣିବାରେ ଲାଗିଛନ୍ତି ।

ଓଡିଶାରେ ୨୨ ବର୍ଷର ବିଜେଡି ଶାସନ କାଳରେ ରାଜ୍ୟର ମୌଳିକ ସମସ୍ୟା ସମାଧାନ କରିବାରେ ମୋଟେ ଦୃଷ୍ଟି ଦେଲେନାହିଁ । ଫଳରେ ରାଜ୍ୟବାସୀ ସଙ୍କଟ ଜର୍ଜରିତ ହୋଇ ରହିଛନ୍ତି । ଚାଷି ଧାନ କିଣିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଗତ ବର୍ଷ ୨ ଲକ୍ଷ ଚାଷୀ ଧାନ ବିକ୍ରୀ ସକାଶେ ପଞ୍ଜିକରଣ କରିଥିଲେ ସୁଦ୍ଧା ସରକାର ମଣ୍ଡିରେ ଧାନ କିଣିପାରିଲେ ନାହିଁ । କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୧୦୦ ଟଙ୍କା ବୃଦ୍ଧି କଲେ । ଅନ୍ୟ ଦିଗରେ ସାରର ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ହୋଇଛି । ରାଜ୍ୟରେ ଚାଷୀ ସାର ପାଉନାହିଁ । ସାର ବିକ୍ରୀରେ ବ୍ୟାପକ କାରସାଦୀ ଓ କଳାବଜାରୀ ହେଲେ ବି ସରକାର ନୀରବ । କେରଳ ରାଜ୍ୟ ସରକାର ଚାଷୀମାନଙ୍କୁ କେନ୍ଦ୍ରୀୟ ସହାୟକ ମୂଲ୍ୟ ଉପରେ ବୋନସ୍ ଦେଉଛନ୍ତି । କିନ୍ତୁ ଓଡିଶାରେ ରାଜ୍ୟ ବିଜେଡି ସରକାର ଗୋଟିଏ ଟଙ୍କା ସୁଦ୍ଧା ବୋନସ୍ ଦେବାକୁ ରାଜି ନୁହଁନ୍ତି । ରାଜ୍ୟରେ ବେକାର ସମସ୍ୟା ଭୟାବହ ହେଲାଣି । ୧୫ରୁ ୨୯ ବର୍ଷ ବୟସ ସୀମାର ଶତକଡା ୩୪ ଭାଗ ଯୁବକ ବେକାର । ସ୍ନାତକ ଏବଂ ବୈଷୟିକ ଶିକ୍ଷା ପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ ଶତକଡା ୮ ଭାଗ ଯୁବକଙ୍କ ପାଇଁ ନିଯୁକ୍ତି ନାହିଁ । ରାଜ୍ୟ ସରକାରୀ ଅଫିସ୍ ମାନଙ୍କରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି । ସେଥିରୁ କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଲକ୍ଷାଧିକ ପଦବୀ ଖାଲି ରହିଛି । ରାଜ୍ୟ ସରକାର କାଁ ଭାଁ ନିଯୁକ୍ତି ପ୍ରଦାନ କରି ସେମାନଙ୍କୁ ଭୁବନେଶ୍ୱରରେ ଠୁଳ କରି ବ୍ୟାପକ ପ୍ରଚାର କରାଯାଉଛି । ପ୍ରତ୍ୟେକ ନିଯୁକ୍ତିରେ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଉଚ୍ଚସ୍ତରର ଜ୍ଞାତସାରରେ ହେଉଛି ।


ଠିକା କର୍ମଚାରୀ ଓ ଆଉଟସୋର୍ସ କର୍ମଚାରୀଙ୍କ ସଂଖ୍ୟା ୩ ଲକ୍ଷରୁ ଉର୍ଦ୍ଧ୍ୱ । ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ସ୍ୱଳ୍ପ ବେତନରେ ଶୋଷଣ କରାଯାଉଛି । ଗ୍ରାମାଞ୍ଚଳରେ ରେଗା କାମରେ କଣ୍ଟ୍ରାକ୍ଟର ଏବଂ ମେସିନ ବ୍ୟବହାର ବେଧଡକ ଭାବେ ଚାଲିଛି । ମାସ ମାସ ଧରି ମଜୁରୀ ନାହିଁ । ବ୍ଲକ୍ ଗୁଡିକ ହେଉଛି ହରିଲୁଟର କେନ୍ଦ୍ର । ସର୍ବତ୍ର ସବୁ ବିଭାଗରେ ଦୁର୍ନୀତି, ଲାଞ୍ଚ, ମିଛ ଭରପୁର । ନିମ୍ନମାନର କାର୍ଯ୍ୟ ହେତୁ କେଉଁଠି ପୋଲ ଭୁଷୁଡି ପଡୁଛି ତ କେଉଁଠି କୋଠାର ଛାତ । ସି.ପି.ଆଇ.(ଏମ୍) ପକ୍ଷରୁ ଜନଜୀବନ ସମ୍ପର୍କିତ ଏହି ପ୍ରସଙ୍ଗଗୁଡିକୁ ନେଇ ସେପ୍ଟେମ୍ବର ମାସରେ ବ୍ୟାପକ ପ୍ରଚାର ଅଭିଯାନ ଶେଷରେ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ପାଇଁ ଆହ୍ୱାନ କରାଯାଇଛି ।

## କୁଖ୍ୟାତ ଅପରାଧୀ ଜୁମା ସହ ୪ ଅଭିଯୁକ୍ତ ଗିରଫ, ୭ଗାଡି ଓ ସୁନା ଅଳଙ୍କାର ଜବତ



ଫୁଲନଖରା (ପିଏନ୍)-କଟକ ସଦର ଥାନା ତରଫରୁ ଚଢ଼ାଉ କରି କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଗ୍ରାମର ଅନ୍ତଃରାଷ୍ଟ୍ରୀୟ ଅପରାଧୀ ଜୁମା ଓରଫ ଅବଦୁଲ ନାଦି ଖାଁ ଓରଫ ଅବଦୁଲ ରଜକ (୧୯), ଜଗତପୁର ଥାନା ଅନ୍ତର୍ଗତ ନୂଆସାହିର ଦେବାଶିଷ ଭୂୟାଁ ଓରଫ ଦେବ (୧୯), ଜଗତପୁର ଥାନା ଅନ୍ତର୍ଗତ ଗଣିପୁରର ବିନୋଦ ବିହାରୀ ବିଶ୍ୱାଳ (୩୦), କେନ୍ଦ୍ରାପଡା ଟାଉନ୍ ଥାନା ଅନ୍ତର୍ଗତ ଗରାପୁର ଅଂଚଳର ବୁଟୁ ଓରଫ ସେକ୍ ରୁସ୍ତମ୍ (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ସଦର ଥାନା ଅଂଚଳର ଅଢ଼ାଳିଆ ଗ୍ରାମର ରମେଶ ସାହୁଙ୍କ ଏକ ସିଲ୍‌ଭର ରଙ୍ଗର ଅଲ୍ଟୋ ଗାଡି (ଓଆର୍-୨୧ ୭୪୭୯)କୁ ତାଙ୍କ ଘର ଆଗରୁ ଅଗଷ୍ଟ ମାସ ୨୦ ତାରିଖରେ କେହି ଅଜଣା ବ୍ୟକ୍ତି ଚୋରୀ କରି ନେଇ ଯାଇଥିବାର ଏକ ଲିଖିତ ଅଭିଯୋଗ ଅଗଷ୍ଟ ୨୧ ତାରିଖରେ ସଦର ଥାନାରେ କରିଥିଲେ । ଅଭିଯୋଗକାରୀଙ୍କ ତଥ୍ୟକୁ ଭିତି କରି ଜୋନ୍-୪ ଏସିପି ଚନ୍ଦନ ଘଡେଇ ଓ କଟକ ସଦର ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର ଏକ ଟିମ୍ ଗଠନ କରି ଅନୁସନ୍ଧାନ ପ୍ରକ୍ରିୟା ଜାରି ରଖି ଜୁମା ଓ ତା'ର ସହଯୋଗୀମାନଙ୍କୁ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କ ଠାରୁ ୨ଟି ଅଲ୍ଟୋ କାର, ୧ଟି ବୋଲେରୋ, ୨ଟି ପିକ୍‌ଅପ୍ ଭ୍ୟାନ୍ ଓ ୨ଟି ୟାମା ଆର୍-୧୫ ବାଇକ୍, ୧ଟି ନୀଳରଙ୍ଗ ରେଡ୍‌ମି ମୋବାଇଲ, ୪ଟି ମଙ୍ଗଳସୂତ୍ର, ୬ଟି ହାତ ମୁଦି, ୨ଟି କାନଫୁଲ, ୧ଟି ସୁନା ଚେନ୍ ସହ ଲକେଟ୍ (ପ୍ରାୟ ୬୧ଗ୍ରାମ ସୁନା ଅଳଙ୍କାର) ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କୁ ପଚରାଉଚରା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଶ୍ରୀକାକୁଲମ୍ ଓ ଆନ୍ଧ୍ର ପ୍ରଦେଶରୁ ମଧ ଅନେକ ଗାଡି ଚୋରୀ ଓ ସୁନା ଅଳଙ୍କାର ଛିନ୍‌ତାଇ କରିଥିବା ସେମାନେ ସ୍ୱୀକାର କରିବା ସହ ସେମାନଙ୍କ ନାମରେ ନୟାପଲ୍ଲୀ, ଭରତପୁର, ଚନ୍ଦ୍ରଶେଖରପୁର, ସାଲେପୁର, ଜଗତପୁର, ଖୋର୍ଦ୍ଧା, ହିଂଜିଳି, ତମାଣ୍ଡୋ, ଢ଼େଙ୍କାନାଳ, ଯାଜପୁର, ନିଶ୍ଚିନ୍ତକୋଇଲି ଓ କଟକ ସଦର ଥାନାରେ ପ୍ରାୟ ୧୭ଟି ଅଭିଯୋଗ ରହିଛି ବୋଲି ଡିସିପି ପିନାକୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

## ଭାଣପୁର ମହାଦେବ ପୂଜା କମିଟି ତରଫରୁ ବନ୍ଧୁମିଳନ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ମହାଦେବ ପୂଜା କମିଟି ତରଫରୁ ଏକ ଶାରଦୀୟ ବନ୍ଧୁମିଳନ ଉତ୍ସବ ପ୍ରମୋଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଅତିଥି ଭାବରେ ଆଇଆଇସି ରଶ୍ମିରଂଜନ ମହାପାତ୍ର, ୫୮ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ଗ୍ରାମ୍ୟ କମିଟି ସଂପାଦକ ଦିଲ୍ଲୀପ ନାୟକ, ଶରତ କୁମାର ଜେନା, ମହମ୍ମଦ ସିଦ୍ଦିକ୍, ମୁନିଲାଲ୍ ଚୌହାନ୍, ନବପ୍ରିତ୍ ଆରୋରା ପ୍ରମୁଖ ଯୋଗଦେଇ ଜାତି,ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପ୍ରଶାସନର ସମସ୍ତ ନୀତି ନିୟମକୁ ମାନି ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ଉତ୍ସବକୁ ରାଜେଶ କୁମାର ଭଟ୍ଟ, ଅଜିତ୍ ରାଉତ, ରଣଜିତ୍ ଦାସ, ପ୍ରଭାତ ଜେନା, କାର୍ତ୍ତିକ ଖଟୁଆ, ଅନିଲ ସାହୁ, ମାନସ ସାହୁ, ସୁଜିତ୍ କୁମାର ସାହୁ, ସନାତନ ରାଉତ, ନରେଶ ନାୟକ, ଲକ୍ଷ୍ମଣ ଭଟ୍ଟ ପ୍ରଭୃତି ପରିଚାଳନା କରିଥିବା ବେଳେ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

## ପ୍ରସ୍ତୁତି ପଥେ ହରପାର୍ବତୀ ପୂଜା

କଟକ (ପିଏନ୍): ହରପାର୍ବତୀ ପୂଜା କମିଟି ତଥା ମାନସିଂପାଟଣା ଯୁବକ ସଂଘ ପକ୍ଷରୁ ଆସନ୍ତା ବିଜୟା ଦଶମୀ ଅବସରରେ ହରପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବାକୁ ଯାଉଅଛି। ଏଥିପାଇଁ ହରପାର୍ବତୀ ପୂଜା କମିଟି ପକ୍ଷରୁ ହରପାର୍ବତୀଙ୍କ ଶୋଭନୀୟ ମୂର୍ତ୍ତି ପୂଜାର ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସଭାପତି-ଅକ୍ଷୟ କୁମାର ସାହୁ, ସମ୍ପାଦକ-ନିତ୍ୟ କିଶୋର ସାହୁ, ସାହିର ମୁରବୀ-ଆଶୀର୍ବାଦ ବେହେରା, ନିମାଇଁ ଚରଣ ସାହୁ, ତଥା ମାନସିଂହପାଟଣା ଯୁବକ ସଂଘ ପକ୍ଷରୁ କୃଷ୍ଣମୋହନ, ବଳରାମ ବେହେରା, ମନୋଜ କୁମାର ସାହୁ, ଶମ୍ଭୁନାଥ ବେହେରା, କାର୍ତ୍ତିକ ସାହୁ, ଦେବେନ୍ଦ୍ର ବେହେରା, ସତ୍ୟଜିତ୍ ସାହୁ, ଓପୁ ସାହୁ, ଦେବେନ୍ଦ୍ର ଆଦି କର୍ମକର୍ତ୍ତାମାନେ ପୂଜାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ କି ହରପାର୍ବତୀ ଏଠାରେ ଦୀର୍ଘ ୭୦ ବର୍ଷ ହେଲା ପୂଜା ପାଇଆସୁଛନ୍ତି।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସତ୍ୟଭାମାଦେବୀ ମୂକ ବଧିର ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ପ୍ରତିବର୍ଷ ଡିସେମ୍ବର ୩ ତାରିଖକୁ ସାରା ବିଶ୍ୱରେ ଭିନ୍ନକ୍ଷମ ଦିବସ ପାଳନ କରୁଥିଲାବେଳେ ସତ୍ୟଭାମାଦେବୀ ୱେଲଫେୟାର ଟ୍ରଷ୍ଟ ଦ୍ୱାରା ରାଜ୍ୟର ପ୍ରଥମ ମୁକ ବଧିର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିବା ସତ୍ୟଭାମାଦେବୀ ମୁକବଧିର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଟ୍ରଷ୍ଟ ତରଫରୁ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା । ଉକ୍ତ ମହାବିଦ୍ୟାଳୟରେ ପଢୁଥିବା ୪୫୦ଜଣ ମୁକବଧିର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଉକ୍ତ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁଶ୍ରୀ ନିରୋଜାଲକ୍ଷ୍ମୀ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ, ସାରା ବିଶ୍ୱରେ ଯେତିକି ଲୋକ ବସବାସ କରନ୍ତି, ସେମାନଙ୍କ ମଧ୍ୟରୁ ୧୫% ହେଉଛନ୍ତି ଭିନ୍ନକ୍ଷମ । ଏହି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ନିଚ୍ଚ ଦୃଷ୍ଟିରେ ନଦେଖି ସହଜ କରିବା ପାଇଁ ଆଗେଇ ଆସିଲେ ସେମାନେ କୌଣସି ଗୁଣରେ କମ୍ ହେବେନାହିଁ । ମାନବ ସମ୍ବଳରେ ଏହି ବିଶାଳ ଅଂଶକୁ କେବେବି ଅଣଦେଖା କରିହେବନାହିଁ । ଜନ୍ମରୁ ଶବ୍ଦ ଶୁଣିପାରୁ ନଥିବା, କହିପାରୁନଥିବା ଓ ଦେଖି ପାରୁନଥିବା ଅମ୍ଳାନ ବ୍ୟକ୍ତିତ୍ୱ ଥିଲେ ହେଲେନ୍ କିଲର, ଯେ କି ଏକଧାରରେ ଜଣେ ଲେଖକ, ରାଜନୈତିଜ୍ଞ ଓ ଅଧ୍ୟାପକ । ସେ ନିଜେ ଦୃଷ୍ଟି, ବାକ ଶ୍ରବଣବାଦିତ ଥିଲେ ମଧ୍ୟ ସେ ସାଙ୍କେତିକ ଭାଷାରେ ଆବିଷ୍କାର କରିଥିଲେ । ତେଣୁ ତାଙ୍କୁ ସାଙ୍କେତିକ ଭାଷାରେ ଜନକ ବୋଲି କୁହାଯାଏ । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ସତ୍ୟଭାମା ଦେବୀ ୱେଲଫେୟାର ଟ୍ରଷ୍ଟର ଶ୍ରୀଯୁକ୍ତ ଦିଲ୍ଲୀପ ରାୟ, ଭାଇସ୍ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମନୋଜ ନନ୍ଦ, ହାସ୍ୟ ଅଭିନେତା ଜ୍ଞାନ ବାରିକ, ସମାଜସେବୀ ରୋହିଣୀ ସିଂହଦେଓ, ଦିବାକର ସ, ସମାଜସେବୀ ଶ୍ରୀଯୁକ୍ତ ପ୍ରେମଥେସ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀମତୀ ସନ୍ତୋଷିଜୀ ଜେନ, ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ସାମ୍ବାଦିକ ଗୁରୁପଦ ନାଥ ଓ ଜୀତେନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ଚେୟାରମ୍ୟାନ୍ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ତୁମେମାନେ ପ୍ରଚେଷ୍ଟା କଲେ ସମାଜରେ ନିଶ୍ଚିତ ଭାବେ ଇତିହାସ ରଚନା କରିପାରିବ ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# କୋଣାର୍କ ଉତ୍ସବର ତୃତୀୟ ଦିନ



କୋଣାର୍କ(ପି.ଏନ): ଆଜି କୋଣାର୍କ ଉତ୍ସବର ତୃତୀୟ ଦିନରେ ଅର୍କ କ୍ଷେତ୍ର କୋଣାର୍କ ନିଶ୍ଚୟ ମନେ ପକାଉଥିବ ତା'ର ନିର୍ମାତା ଗଙ୍ଗ ବଂଶର ରାଜା ନରସିଂହ ଦେବ (୧୨୩୮-୩୪) ଙ୍କୁ ଆଉ ତାର ସମସ୍ତ ଶିଳ୍ପୀ କୂଳଙ୍କୁ ।ଆଉ ଆମ ସମସ୍ତଙ୍କର ମନେ ପଡିଯାଉଥିବ ବାର ବର୍ଷର ବାଳକ "ଧରମା / ଧର୍ମପଦ" । ଭାରତ ବର୍ଷରେ ସୂର୍ଯ୍ୟ ଉପାସନା ପରମ୍ପରାର ପର୍ଯ୍ୟାୟରେ ସର୍ବାଗ୍ରେ ଆସିବ ଆମ ଓଡ଼ିଶାର ଏହି ସୂର୍ଯ୍ୟ ମନ୍ଦିର, ଏହି କୋଣାର୍କ । କୋଣାର୍କ , ଆଦିତ୍ୟ ନାରାୟଣଙ୍କ ପୂଜା ଓ ତା'ର ଶିଳ୍ପୀ ମାନଙ୍କର ବନ୍ଦାପନାକୁ ନେଇ ଏହି କୋଣାର୍କ ଉତ୍ସବର ପରିକଳ୍ପନା ଓ ଉପସ୍ଥାପନା । କୋଣାର୍କର କୀର୍ତ୍ତି ଓ କୃତି- ବିଶ୍ୱବନ୍ଦିତ । କୋଣାର୍କ ହେଉଛି ପୃଥିବୀର ଅନ୍ୟତମ ସପ୍ତାଶ୍ଚର୍ଯ୍ୟ । ଆମ ପାଇଁ,ଆମ ଜାତି ପାଇଁ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ପ୍ରତୀକ, ଏହି କୋଣାର୍କ । ଆମ ପରିଚ୍ଚୟ,ଆମ ଅସ୍ମିତାର ପ୍ରତୀକ ଏହି କୋଣାର୍କ । ସେଇଥିପାଇଁ ଆମ ରାଜ୍ୟ ସରକାରଙ୍କର ମୂଳ ପ୍ରତୀକରେ (ଝଗ୍ୱବଗ୍ୱର ରଙ୍କଭକ୍ଷରଙ୍କ) କୋଣାର୍କର ଯୋଦ୍ଧା ଘୋଡା ଆଉ ତା ସହିତ ଓଡ଼ିଆ ବୀରର ବୀରତ୍ୱର ପ୍ରତିବିମ୍ବ ରୂପାୟିତ । ଆମ କୋଣାର୍କ ଚ଼କ୍ରତ ଏବେ ବିଶ୍ୱ ଦରବାରରେ ଭାବବନ୍ଧନର ପ୍ରତିଭୂ ସାଜିଛି । କଳା,ସାହିତ୍ୟ, ସଂସ୍କୃତି ଆଉ ବିଶ୍ୱ ଭାତୃତ୍ୱର ପ୍ରତୀକ । ଆମ ସ୍ୱାଭିମାନ ଆମ ଅସ୍ମିତାର ପ୍ରତିଫଳନ ଘଟିଛି ନୃତ୍ୟ,ଗୀତ ଓ ସଙ୍ଗୀତର ତାଳେ ତାଳେ । ବଡ ସନ୍ତର୍ପଣରେ "ଲାସ୍ୟମୟୀ ନାୟିକା" କୋଣାର୍କ ପାଦ ଥାପିଛି ଆଜି ତୃତୀୟ ପାହାଚ଼ରେ । ସାଥିରେ ଆଣିଛି ଓଡିଶୀ ଓ ମୋହିନୀୟାଟ୍ଟମ୍ ନୃତ୍ୟ ଶୈଳୀର ଅପୂର୍ବ କଳା ଓ କଳ୍ପନାର ପସରାକୁ ଧରି । ପ୍ରଥମ ପର୍ଯ୍ୟାୟରେ କଲିକତାର ଦର୍ପଣୀ ଅନୁଷ୍ଠାନର ଗୁରୁ ଅର୍ଣ୍ଣବ ବନ୍ଦୋପାଧ୍ୟାୟ ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ । ଜୟଦେବଙ୍କ ଗୀତଗୋବିନ୍ଦରୁ 'ଶ୍ରିତ କମଳ କୁଚ୍ ମଣ୍ଡଳ' ର ପରିବେଷଣରେ ବିଷ୍ଣୁଙ୍କ ମଧୁର ରୂପର ବର୍ଣ୍ଣନା ଓ ତାଙ୍କର ମହିମାକୁ ନୃତ୍ୟର ଅପୂର୍ବ ଭଙ୍ଗୀରେ ପ୍ରଦର୍ଶନ କରିଥିଲେ । ତା ପରେ ' ହଂସ ଧ୍ୱନି ପଲ୍ଲବୀ" ରେ ଓଡିଶୀ ନୃତ୍ୟର ନିର୍ମଳ ଭାବ ଭଙ୍ଗୀ, ଅଙ୍ଗରାଗକୁ ବିଭିନ୍ନ ତାଳ ଓ ଧ୍ୱନିରେ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ତୃତୀୟ ନୃତ୍ୟ ଶୈଳୀ ଥିଲା 'କୃଷ୍ଣକଥା ' । କୃଷ୍ଣଙ୍କ ପାଇଁ ଧର୍ମ ସଂସ୍ଥାପନା, କର୍ମ, ଭକ୍ତି ଓ ଆତ୍ମ ନିବେଦନର ଭାବାବେଗକୁ ପରିବେଷଣ କରିଥିଲେ । ନିର୍ଦ୍ଦେଶନା ରେ ଥିଲେ ଗୁରୁ କେଳୁଚ଼ରଣ ମହାପାତ୍ର ଓ ଗୁରୁ ଅର୍ଣ୍ଣବ ବନ୍ଦୋପାଧ୍ୟାୟ ଏବଂ ସଙ୍ଗୀତରେ ସହଯୋଗ କରିଥିଲେ ଭୁବନେଶ୍ୱର ମିଶ୍ର,ହିମାଂଶୁ ଶେଖର ସ୍ୱାଇଁ ଓ ସୌମ୍ୟ ରଞ୍ଜନ ନାୟକ । ଆଜି ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ସୁଦୂର ଆମେରିକାରୁ ଆସିଥିବା ଡ. ସୁନନ୍ଦା ନାୟାର ଓ ସାଥୀବୃନ୍ଦଙ୍କ ଦ୍ୱାରା ପରିବେଷିତ ହୋଇଥିଲା ' ମୋହିନୀୟାଟ୍ଟମ୍ ' । ପ୍ରଥମେ ସେମାନେ ଅଗ୍ର ପୂଜ୍ୟ ଗଣେଶଙ୍କର ବନ୍ଦନା, ନାନା ଭଙ୍ଗୀ, ତାଳ ଓ ଆଧ୍ୟାତ୍ମ ଭାବରେ ପରିବେଷଣ କରିଥିଲେ । ଦ୍ୱିତୀୟରେ କାତ୍ୟାୟନୀ ଦେବୀଙ୍କ ବନ୍ଦନାକୁ ବିଭିନ୍ନ ଭାଷ୍ୟ ଓ ରୂପରେ ରୂପାୟନ କରିଥିଲେ । ତୃତୀୟରେ ଥିଲା 'ମଧୁର ଅଷ୍ଟକମ ' । କୃଷ୍ଣ ବନ୍ଦନାର ଏକ ଅପୂର୍ବ ବର୍ଣ୍ଣନାକୁ ରୂପ ଦେଇଥିଲେ ଶିଳ୍ପୀଗଣ ସେମାନଙ୍କ ଅଙ୍ଗରାଗରେ ଓ ରୂପରସରେ ।ଆଗାମୀ କାଲି ଚ଼ତୁର୍ଥ ଦିନର କୋଣାର୍କ ଉତ୍ସବରେ ରହିଛି ହାଇଦ୍ରାବାଦରୁ ଆସିଥିବା ଦୀପିକା ରେଡ୍ଡୀ ଓ ରୁଦ୍ରାକ୍ଷ ଫାଉଣ୍ଡେସନର ବିଚ଼ିତ୍ରାନନ୍ଦ ସ୍ୱାଇଁ ଓ ସାଥୀ ବୃନ୍ଦଙ୍କ ଓଡିଶୀ ନୃତ୍ୟ ।ଚ଼ନ୍ଦ୍ରଭାଗର ବାଲୁକା ବେଳାଭୂମିରେ ୧୪ ତମ ଆନ୍ତର୍ଜାତୀୟ ବାଲୁକା ମହୋତ୍ସବ ର ତୃତୀୟ ଦିନର ବିଷୟ ବସ୍ତୁ ପୁରୁଷଙ୍କ ପାଇଁ ଥିଲା ପର୍ଯ୍ୟଟନ ଓ ଶାନ୍ତି ମହିଳା ମାନଙ୍କ ପାଇଁ ଥିଲା ଓଡିଶାର ବୌଦ୍ଧ କୀର୍ତ୍ତିରାଜି । ଏବଂ ଓଡିଶା ବାହାରୁ ଆସିଥିବା ବାଲୁକା ଶିଳ୍ପୀ ମାନଙ୍କ ପାଇଁ ବିଷୟ ବସ୍ତୁ ଥିଲା ଏକତାରେ ବିବିଧତା ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ପର୍ଯ୍ୟବେକ୍ଷକ
Bhubaneswar Wednesday December 04 ଭୁବନେଶ୍ୱର ବୁଧବାର, ଡିସେମ୍ବର ୦୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଏସୟୁଜେ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

ପାରାଦୀପ(ପି.ଏନ): ରବିବାର ଦିନ ପୂର୍ବାହ୍ନରେ ଏସୟୁଜେ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ପାରାଦୀପ ଗଲ୍ଫ କୋର୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରଶାଂ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ କୁମାର ଓଝା ରାଜ୍ୟ କମିଟିର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ଏସୟୁଜେ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁଙ୍କ ମାର୍ଗଦର୍ଶନ ଓ ପରାମର୍ଶକ୍ରମେ ବୈଠକରେ ସବିଶେଷ ଆଲୋଚନା କରାଯାଇ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ସଂଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ



କରିଥିଲେ । ସର୍ବସମ୍ମତି କ୍ରମେ ଉପଦେଷ୍ଟା ମଣ୍ଡଳୀରେ ଗଗନ ବିହାରୀ ସାହୁ, ସରୋଜ କୁମାର ନାୟକ, ଆର୍ତ୍ତତ୍ରାଣ ପତି ଓ ସଂଜୟ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ସଭାପତି ଭାବେ ପ୍ରଶାଂ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ, ଉପସଭାପତି ସଂଜୀବ କୁମାର ମିଶ୍ର, ସାଧାରଣ ସମ୍ପାଦକ ଜ୍ୟୋତି ରଂଜନ ପରିଡା, ପ୍ରଦୀପ୍ତ କୁମାର ନାୟକ, ସଙ୍ଗଠନ ସମ୍ପାଦକ ପ୍ରଳୟ ମହାପାତ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ଶତପଥୀ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀ କମିଟିକୁ ଅରୁଣ କୁମାର ଓଝା, ରଂଜନ କୁମାର ଦାଶ, ହରିଶ ଚନ୍ଦ୍ର ଲେଙ୍କା, ଜଗବନ୍ଧୁ ସ୍ୱାଇଁ, ରମେଶ ଗୋଛାୟତ, ସରୋଜ କୁମାର ପରିଡା, ଅବିନାଶ ରାଉତ, ସଂହ କୁମାର ମଲ୍ଲ, ରଂଜନ କୁମାର ଲେଙ୍କା, ଅକ୍ଷୟ କୁମାର ଦାସ ଓ ଯଦୁନାଥ ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପର୍ଯ୍ୟବେକ୍ଷକ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ କୁମାର ଓଝା ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ପାରାଦୀପ ବନ୍ଦର ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଭୁବନେଶ୍ୱର(ପି.ଏନ): ପ୍ରତି ବର୍ଷ ପରି ପାରାଦୀପ ବନ୍ଦର ଓ ପାରାଦୀପ ଲେଡିଜ୍ କ୍ଲବ ସହଯୋଗରେ ପରିଚାଳିତ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ ଜାଗୃତି ପରିସରରେ ପାରାଦୀପ ବନ୍ଦର ତରଫରୁ ଡିସେମ୍ବର ୩ ତାରିଖ ଦିନ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ବନ୍ଦର ଅଧ୍ୟକ୍ଷ ନିଜ ଭାଷଣରେ କହିଥିଲେ କି ମୁଁ ପିଲା ମାନଙ୍କର ନିଷ୍ଠାକୁ ସାଲୁଟ କରୁଛି ଓ ପାରାଦୀପ ବନ୍ଦର ଜାଗୃତି ସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ । ସେ ପ୍ରତିଶ୍ରୁତି ଦେଇଥିଲେ କି ସ୍ୱଳ୍ପ ସମୟ ମଧ୍ୟରେ ସ୍କୁଲର ପିଲାମାନଙ୍କ ପାଇଁ ବୃତ୍ତିଗତ, ବକ୍ତବ୍ୟ ଓ ଅଡିଓ ଥେରାପିଷ୍ଟ ବ୍ୟବସ୍ଥା କରାଯାଇ ନିୟମିତ କ୍ଲାସ କରାଯିବ ଯାହାକି ଆଗାମୀ ଦିନରେ ପିଲା ମାନଙ୍କ ମୁହଁରେ ହସ ଫୁଟାଇବ । ଏହି ଅବସରରେ ମୁଖ୍ୟ ଅତିଥି ବନ୍ଦରର



ଭିନ୍ନକ୍ଷମ ଅଧିକାରୀ ଓ କର୍ମଚାରୀ ତଥା ଜାଗୃତି ସ୍କୁଲର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ମାନଙ୍କୁ ଉପହାର ପ୍ରଦାନ କରିଥିଲେ । ପାରାଦୀପ ଲେଡିଜ କ୍ଲବ ତରଫରୁ ଜାଗୃତି ସ୍କୁଲକୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ବନ୍ଦରର ପ୍ରଭାରୀ ସଚିବ ଜି ଏଡିସନ ମଞ୍ଚାସୀନ ଥିଲେ । ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ । ଜାଗୃତିର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଶେଷରେ କଲ୍ୟାଣ ଅଧିକାରୀ ରାମ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ବନ୍ଦରର ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଚାରି ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର,(ପି ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀ ଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜଗତସିଂହପୁର ର ଗର୍ବ ମା ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ନେଇଥିଲେ । ୧୯୨୧ ମାର୍ଚ୍ଚ ୨୪ ତାରିଖ ଦିନ ମହାତ୍ମା ଗାନ୍ଧୀ କଟକ କାଠଯୋଡି ବାଲି ଓ ବିନୋଦ ବିହାରୀ ପରିସରରେ ଦୁଇଗୋଟି ସାଧାରଣ ସମାବେଶରେ ଯୋଗଦେଇ ହରିଜନ,



ଦଳିତମାନଙ୍କ ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତା ବୁଝାଇଥିଲେ, ନିଜ ଭାଷଣରେ ମହିଳାମାନଙ୍କୁ ଗହଣା ନପିନ୍ଧି ଦେଶ ସେବା ପାଇଁ ତାହାକୁ ଦାନ କରନ୍ତୁ ବୋଲି ନିବେଦନ କରିଥିଲେ । ଉକ୍ତ ସଭାରେ ଉପସ୍ଥିତ ଥିବା ରମାଦେବୀ ଗାନ୍ଧୀଜୀଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ବହୁମୂଲ୍ୟ ୨୦୦ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ମୂଲ୍ୟବାନ ଦ୍ରବ୍ୟ ଗାନ୍ଧୀଙ୍କ ସ୍ୱରାଜ ପାଣ୍ଠିକୁ ଦାନ କରିବା ସହିତ ଶସ୍ତା ଶାଢ଼ୀ ପିନ୍ଧିବା ଆରମ୍ଭ କରିଥିଲେ । ବଂଗଲକ୍ଷ୍ମୀ ପ୍ରେସ ?ର ଶାଢ଼ୀ , ଖଦୀବସ୍ତ୍ର ଓ ସ୍ୱଦେଶୀ ବସ୍ତ୍ର ଆଜୀବନ ପରିଧାନ କରିବା ପାଇଁ ସଂକଳ୍ପ କରିଥିଲେ ।୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ୧୯୩୪ ଅଗଷ୍ଟ ୮ ଗାନ୍ଧିଜୀଙ୍କ ଶ୍ରୀକ୍ଷେତ୍ର ହରିଜନ ସମାବେଶ ସହ ଶ୍ରୀମନ୍ଦିର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ନେଇଥିଲେ ରମାଦେବୀ । ୧୯୫୫ ମସିହା ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା । ଆଜି ତାଙ୍କର ପବିତ୍ର ଜନ୍ମ ତିଥି ରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା,ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମା ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଭାରତର ମୁକ୍ତି ସଂଗ୍ରାମକୁ ରମାଦେବୀଙ୍କ ଅବଦାନ ଅତୁଳନୀୟ

ଜଗତସିଂହପୁର,(ପି.ଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳର ମା'ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ଆଜି ସାରସ୍ୱତ ପରିଷଦ ଓ ସ୍ଥାନୀୟ ଅଳସୁଧା ସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନା ଚକ୍ରର ବିଷୟବସ୍ତୁ ଭାରତର ମୁକ୍ତିସଂଗ୍ରାମ ଓ ରମାଦେବୀଙ୍କ ସମ୍ପର୍କରେ ସୂଚନା ଦେଇ ମୁକ୍ତି ସଂଗ୍ରାମକୁ ରମାଦେବୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା ତାଙ୍କ ବକ୍ତବ୍ୟରେ ଗାନ୍ଧିଜୀଙ୍କ ଡାକରାରେ ମା ରମାଦେବୀ ଲବଣସତ୍ୟାଗ୍ରହ, ହରିଜନ ପଦଯାତ୍ରା ଓ ଭାରତଛାଡ ଆନ୍ଦୋଳନରେ ସାମିଲ



ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା କୁମାରୀ ସ୍ୱାଇଁ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସ୍ୱାଇଁ, ଓଷ୍ଟାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ଶିକ୍ଷୟିତ୍ରୀ ଲତାଦେଇ ଓ ଶିକ୍ଷକ ପ୍ରିୟରଞ୍ଜନ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମା ରମାଦେବୀ ଗରିବ, ଦରିଦ୍ର ଓ ନିଷ୍ପେଷିତ ଜନତାର ମୁହଁରେ ହସ ଫୁଟାଇବା ପାଇଁ ସେ ସାରା ଜୀବନ ଆପ୍ରାଣ ଚେଷ୍ଟା କରିଥିଲେ ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ୬ଜଣ କୃତୀ ପ୍ରତିଯୋଗୀ, ସ୍ମୃତିପ୍ରଜ୍ଞା, ତନୁଶ୍ରୀ, ଜୟଶ୍ରୀ, ଅଭିଲିପ୍ସା, ବିଭୁଦତ୍ତ ଓ ଜୟପ୍ରକାଶଙ୍କୁ ଅତିଥିମାନେ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ହୀରାଲାଲ ବାରିକ ଧନ୍ୟବାଦ ଦେଇଥିଲେ ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କେନ୍ଦୁଝର (ପି.ଏନ):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ତରଫରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସଥଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.) ଆନୁକୂଲ୍ୟରେ ତା ୦୩.୧୨.୨୦୨୪ରିଖ ମଙ୍ଗଳବାର ଦିନ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଅବହେଳିତ ନକରି ସେମାନଙ୍କୁ ଆବଶ୍ୟକୀୟ ସେବା, ସ୍ନେହ, ଆଦର କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଭିନ୍ନକ୍ଷମମାନଙ୍କର ସର୍ବାଙ୍ଗୀନ ବିକାଶରେ ପିତାମାତା ତଥା ଅଭିଭାବକମାନଙ୍କର ଭୂମିକା ଅତ୍ୟ' ଜରୁରୀ ବୋଲି କହିଥିଲେ । ଭିନ୍ନକ୍ଷମମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଅଲମ୍ପିକ୍ ଭଳି ଆର୍ନ୍ତଜାତୀୟସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢାଇପାରିବା ସହିତ



ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇପାରିବେ ବୋଲି ଡାକ୍ତର ପୃଷ୍ଟି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଡାଃ ଅସୀମ କୁମାର ଦେ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଗୌରଚନ୍ଦ୍ର ମିଶ୍ର, ଶିଶୁ ବିଭାଗର ମୁଖ୍ୟ ଡାଃ ସାଧନା ପଣ୍ଡା, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଜନ ବରାଳ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରି ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷରେ ପରିଣତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ତେଣୁ ଭିନ୍ନକ୍ଷମମାନଙ୍କୁ ଉପେକ୍ଷା ନ କରି ସେମାନଙ୍କର ପ୍ରତି ସହାନୁଭୂତି, ସ୍ନେହ, ଶ୍ରଦ୍ଧା ଏବଂ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ନୃତ୍ୟ ଓ ସଙ୍ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray